READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ ସଂଖ୍ୟା-୮ ୩ - ୯ ମାର୍ଚ୍ଚ, ୨୦୨୫ ଭୁବନେଶ୍ୱର Monday Weekly VOL-9 ISSUE-8 3rd - 9th MARCH, 2025 BHUBANESWAR ₹ 5/- (8 Pages)

### ଖୋଲୁଛି ପୋଲାଭରମ ଗୁମର

## ବିଜେଡି ଶାସନରେ ମିଳିଥିଲା ଏନ୍‌ଓସି

**ଭୁବନେଶ୍ୱର :** ନଦୀକୁ କେନ୍ଦ୍ର ବିରୋଧୀ ଅସ୍ତ୍ର କରିଛି ବିଜେଡି। କିନ୍ତୁ ମହାନଦୀ କଳା ବ୍ୟାକ୍ ଫାୟର ଏବେ ପୋଲାଭରମର ଖୋଲୁଛି ପୋଲ୍। ବିଜୁ ବାବୁ କେନ୍ଦ୍ରମନ୍ତ୍ରୀ ଥିବା ବେଳେ ଆନ୍ଧ୍ର ସହ ଲୁଚାଛପାରେ ହୋଇଥିଲା ଚୁକ୍ତି। ନା ଏ ଏସମ୍ପର୍କରେ ବିଧାନସଭାରେ ଆଲୋଚନା ହୋଇଥିଲା ନା ଓଡ଼ିଶାବାସୀ କିଛି ଜାଣିପାରିଥିଲେ। ବିଜେଡି ଶାସନରେ ପୋଲାଭରମକୁ ଦେଇଥିଲେ ଏନଓସି। ସେତେବେଳେ କେବଳ ବିବୃତିରେ କରିଥିଲେ ବିରୋଧ ଏବେ କରୁଛନ୍ତି ଆନ୍ଦୋଳନ। ସେପଟେ ପୋଲାଭରମ ପ୍ରସଙ୍ଗରେ ବିଜେଡି ସହ ଆନ୍ଦୋଳନରେ ସାମିଲ ହେବାକୁ ମନା କଲା ମାଲକାନାଗିରି କଂଗ୍ରେସ। ପୋଲାଭରମ



ବିରୋଧରେ ମୋଟୁରେ ବିଜେଡିର ଆନ୍ଦୋଳନ। ସାମିଲ ହୋଇଥିଲେ ଦଳର ଆଗ ଧାଡ଼ିର ନେତା। ଯେଉଁ ପୋଲାଭରମ ବିରୋଧରେ ବିଜେଡି ଏବେ ଆନ୍ଦୋଳନର ରାସ୍ତା ଆପଣାଇଛି ସେହି ପ୍ରକଳ୍ପକୁ ୨୦୦୫ରେ ଏନଓସି ଦେଇଥିଲେ ବିଜେଡି ସରକାର। କେନ୍ଦ୍ର ଜଳସଂପଦ ମନ୍ତ୍ରୀ ଥିଲେ ବିଜେଡିର ଅର୍ଜୁନ ସେଠୀ। ସେତେବେଳେ ପ୍ରକଳ୍ପ ନେଇ ପଦୁଟିଏ ବି ପ୍ରତିବାଦ କରି ନ ଥିଲା ବିଜେଡି। ସେହିଭଳି ଗୋଦାବରୀ ୱାଟର ଟ୍ରିବ୍ୟୁନାଲ ଉପରେ ନଜର ପକାଇଲେ ଆଉ କିଛି ସାଂଘାତିକ ତଥ୍ୟ ଆସୁଛି ସାମନାକୁ। ୧୯୬୯ରେ ଆନ୍ତଃ ନଦୀ ବିବାଦର ସମାଧାନ ପାଇଁ ଗଠିତ ହୋଇଥିଲା ଗୋଦାବରୀ ୱାଟର ଟ୍ରିବ୍ୟୁନାଲ। ସେତେବେଳେ କେନ୍ଦ୍ର ମନ୍ତ୍ରୀ ଥିଲେ ବିଜୁବାବୁ। ସେତେବେଳେ ଡ୍ୟାମର ଉଚ୍ଚତା ୧୫୦ ଫୁଟ୍ ନେଇ ଆନ୍ଧ୍ର ସହ ଦ୍ୱିପାକ୍ଷିକ ଚୁକ୍ତି କରିଥିଲେ ଓଡ଼ିଶା ସରକାର। ପ୍ରଚଳିତ ନିୟମରେ ଜଳମଗ୍ନ ଅଞ୍ଚଳରେ କ୍ଷତିପୂରଣ ଦେବା ନେଇ ବି ଚୁକ୍ତି ହୋଇଥିଲା। ତେବେ ଏ ଚୁକ୍ତି ଥିଲା ଗୋପନୀୟ, ଏ ନେଇ ପରେ ନା ବିଧାନସଭାରେ ➤ ପୃ-୬

### କିଟ୍‌ର ବାର୍ଷିକ ଲାଭ ୨୦୦କୋଟି

## ସିଏସଆର ଖର୍ଚ୍ଚ ଶୂନ

**ଭୁବନେଶ୍ୱର :** କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀମୃତ୍ୟୁ ଓ ପରବର୍ତ୍ତୀ ଘଟଣାକ୍ରମ ଓଡ଼ିଶାକୁ ବିଶ୍ୱଦରବାରରେ ନିନ୍ଦିତ କଲା। ନିଜ ଜୀବନ ଓ କ୍ୟାରିୟର ପ୍ରତି ବିପଦ ଆଶଙ୍କାରେ ପ୍ରାୟ ୮୦%ରୁ ଊର୍ଦ୍ଧ୍ୱ ନେପାଳୀ ଛାତ୍ରଛାତ୍ରୀ ଏବେବି କିଟ୍ କ୍ୟାମ୍ପସକୁ ଫେରିବା ସମ୍ଭବପର ହୋଇନଥିବାବେଳେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ଯାଞ୍ଚ କମିଟିର ବିଳମ୍ବିତ ତଦନ୍ତ ପ୍ରକ୍ରିୟା ମଧ୍ୟ ସେହି ଛାତ୍ରଛାତ୍ରୀମାନଙ୍କ ପାଇଁ 'ବେଡ଼ି ଉପରେ କୋରଡ଼ା ମାଡ଼' ସଦୃଶ ହେବାରେ ଲାଗିଛି। ଏସବୁ ମଧ୍ୟରେ କିଟ୍ ପକ୍ଷରୁ ଏକ ଭିଡିଓକୁ ଭାଇରାଲ କରାଯାଉଛି ଯେଉଁଥିରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ସବୁକିଛି ସ୍ୱାଭାବିକ ଅଛି ବୋଲି ଦର୍ଶାଇବାକୁ ପ୍ରୟାସ ହୋଇଛି।




ଓଡ଼ିଶାକୁ ନିନ୍ଦିତ କରିଥିବା କିଟ୍ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଓ ସୂଚନା ଅଧିକାର ଆଇନ ପରିସରଭୁକ୍ତ କରିବା ଦାବି ଥମିବାର ନାଁ ନେଉନି। ଆଉ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଶିକ୍ଷାଜଗତର ମହାପୁରୁଷ ଭାବେ ଚିତ୍ରିତ କରିବାକୁ ସୋସିଆଲ ମିଡିଆରେ ଚାଲିଥିବା ପ୍ରଚାରର ଭିତରେ କିଟ୍ ବିଶ୍ୱବିଦ୍ୟାଳୟର ବାର୍ଷିକ ଆୟ-ବ୍ୟୟର ହିସାବ ପଦାକୁ ଆସିଛି। ଏହି ଶିକ୍ଷା ବ୍ୟବସାୟରୁ କିଟ୍ ବର୍ଷକୁ ପ୍ରାୟ ୨୦୦କୋଟି ଟଙ୍କା ଲାଭ କରୁଥିଲେ ମଧ୍ୟ ସିଏସଆର (କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ) ବାବଦରେ ଟଙ୍କାଟିଏ ବି ଖର୍ଚ୍ଚର ହିସାବ ନିଜର ବାର୍ଷିକ ଆର୍ଥିକ ରିପୋର୍ଟରେ ଦର୍ଶାଇନଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ-୧୯୮୦ ଆଧାରରେ ପଞ୍ଜିକୃତ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିବର୍ଷ ମୋଟାଅଙ୍କର ଆର୍ଥିକ ଲାଭ କରୁଛି। କିଟ୍ ଡିମଡ୍ ବିଶ୍ୱବିଦ୍ୟାଳୟର ୨୦୧୮-୧୯ରୁ ୨୦୨୩-୨୪ ଆର୍ଥିକବର୍ଷର ବାଲାନ୍ସସିଟ୍ ଓ ଅଡିଟ୍ ରିପୋର୍ଟ ଏହି ସଙ୍କେତ ଦେଉଛି। ➤ ପୃ-୬

### ବିଶ୍ୱ ବ୍ୟାଙ୍କର ନୂଆ ରିପୋର୍ଟରେ ବଡ ଖୁଲାସା

## ୨୦୪୭ ସୁଦ୍ଧା ଭାରତ ହେବ ଉଚ୍ଚ ଆୟକାରୀ ଦେଶ




**ନୂଆଦିଲ୍ଲୀ :** ଭାରତକୁ ୨୦୪୭ ମସିହା ସୁଦ୍ଧା ଉଚ୍ଚଆୟକାରୀ ଦେଶରେ ପରିଣତ ହେବା ପାଇଁ ୭.୮ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିବାକୁ ପଡିବ। ବିଶ୍ୱବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଜାରି ରିପୋର୍ଟରେ ଏହି ଆକଳନ କରାଯାଇଛି। ବିଶ୍ୱ ବ୍ୟାଙ୍କ ରିପୋର୍ଟ 'ଗୋଟିଏ ପିଢିରେ ଉଚ୍ଚ ଆୟକାରୀ ଅର୍ଥ ବ୍ୟବସ୍ଥା ହେବା' ଶୀର୍ଷକ ଜ୍ଞାପନରେ ଏହି ଲକ୍ଷ ହାସଲ ନିମନ୍ତେ ଭାରତକୁ ଆର୍ଥିକ କ୍ଷେତ୍ର ସମେତ ଭୂମି ଓ ଶ୍ରମ ବଜାରକୁ ମଧ୍ୟ ସୁଧାରିବାକୁ ପଡିବ ବୋଲି କୁହାଯାଇଛି। ୨୦୦୦ରୁ ୨୦୨୪ମଧ୍ୟରେ ଭାରତର ହାରାହାରି ବୃଦ୍ଧି ହାର ୬.୩ ପ୍ରତିଶତକୁ ମାନ୍ୟତା ଦେଇ ଏହି ରିପୋର୍ଟରେ କୁହାଯାଇଛି ଯେ ଭାରତର ପିଛିଲା ଉପଲବ୍ଧି ଏହାର ଭବିଷ୍ୟତର ମହତ୍ୱାକାଙ୍କ୍ଷା ନିମନ୍ତେ ଆଧାର ହୋଇପାରେ। ବିଶ୍ୱବ୍ୟାଙ୍କ ରିପୋର୍ଟ କୁହେ ଯେ ଯେହେତୁ ୨୦୪୭ ସୁଦ୍ଧା ଉଚ୍ଚଆୟକାରୀ ଅର୍ଥ ବ୍ୟବସ୍ଥା ହେବାର ମହତ୍ୱାକାଙ୍କ୍ଷୀ ଲକ୍ଷ୍ୟକୁ ପହଞ୍ଚିବା ସ୍ୱାଭାବିକ ସ୍ଥିତିରେ ସମ୍ଭବ ନୁହେଁ। ଏଥି ଲାଗି ଭାରତର ପ୍ରତି ବ୍ୟକ୍ତି ମୋଟ ଜାତୀୟ ଆୟ (ଜିଏନଆଇ)କୁ ବର୍ତ୍ତମାନ ସ୍ତରରୁ ୮ ଗୁଣା ଅଧିକ ବଢେଇବାକୁ ପଡିବ, ବୃଦ୍ଧିକୁ ଆହୁରି ଦ୍ରୁତ କରିବାକୁ ପଡିବ ଓ ଆଗାମୀ ଦୁଇ ଦଶନ୍ଧୀ ପର୍ଯ୍ୟନ୍ତ ଉଚ୍ଚସ୍ତରରେ ରଖିବାକୁ ପଡିବ। ଏହି ଲକ୍ଷ୍ୟକୁ ମାତ୍ର କିଛି ଦେଶ ହାସଲ କରିପାରିଛନ୍ତି। ରିପୋର୍ଟ ଅନୁସାରେ ଏହି ଲକ୍ଷକୁ ହାସଲ କରିବା ପାଇଁ ଭାରତକୁ ନା କେବଳ ଜାରି ➤ ପୃ-୬

## ଦେଶର ସବୁ ନାଗରିକଙ୍କୁ ମିଳିବ ପେନ୍‌ସନ !

**ନୂଆଦିଲ୍ଲୀ :** ବୟସର ଗୋଟିଏ ସମୟରେ ପହଞ୍ଚିବା ପରେ ସମସ୍ତେ ଆରାମ ଜୀବନ ଚାହାନ୍ତି। କିନ୍ତୁ ସମସ୍ତଙ୍କୁ ଆରାମ ଜୀବନ ମିଳେ ନାହିଁ। କାରଣ ସେମାନଙ୍କୁ ଜୀବନର ଗାଡ଼ି ଆଗକୁ ନେବା ପାଇଁ କାମ କରିବାକୁ ପଡ଼େ। ଦୈନିକ କାମ କରି ପରିବାର ଚଳାଇବାକୁ ହୋଇଥାଏ। କାରଣ ଏବେ ଯାଏ କେବଳ ସରକାରୀ ଓ ଘରୋଇ ଚାକିରିଆମାନଙ୍କୁ ପେନସନ ମିଳୁଛି। ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ପେନସନର କୌଣସି ବ୍ୟବସ୍ଥା ନାହିଁ। ଶ୍ରମିକମାନେ ବୟସର ଅପରାହ୍ନରେ ପହଞ୍ଚି ମଧ୍ୟ ନିଜର ଗୁଜୁରାଣ ମେଣ୍ଟାଇବାକୁ ସବୁଦିନ କାମ କରୁଛନ୍ତି। କାରଣ ସେମାନଙ୍କ ପାଇଁ ପେନସନର କୌଣସି ବ୍ୟବସ୍ଥା ନାହିଁ। କିନ୍ତୁ ଏବେ ସରକାର ଦେଶର ସବୁ ନାଗରିକଙ୍କ ପାଇଁ ପେନସନ




ବ୍ୟବସ୍ଥା କରିବାକୁ ଯୋଜନା କରୁଛନ୍ତି। ସରକାର ଖୁବଶୀଘ୍ର ସାମୂହିକ ପେନସନ ସ୍କିମ ଆଣିବାକୁ ଯାଉଥିବା ରିପୋର୍ଟ ପ୍ରକାଶ ପାଇଛି। ଏହି ସ୍କିମ ଅଧୀନରେ ଦେଶର ସବୁ ନାଗରିକଙ୍କୁ ପେନସନର ଫାଇଦା ମିଳି ପାରିବ। ବର୍ତ୍ତମାନ ପ୍ରଚଳିତ ପେନସନ ଯୋଜନାକୁ ଏହା ସହ ମିଶାଇ ଦେଇ ପାରନ୍ତି। ବାର୍ଦ୍ଧ୍ୟକ ସମୟରେ ଦେଶର ସବୁ ଲୋକଙ୍କ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ସରକାର ଏପରି ବ୍ୟବସ୍ଥା କରୁଛନ୍ତି। ଇକୋନୋମିକ ଟାଇମ୍ସର ରିପୋର୍ଟ ଅନୁସାରେ, ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଏହି ସ୍କିମ ଆଣିବାକୁ ଯୋଜନା କରୁଛି। ଜଣେ ଅଧିକାରୀ କହିଛନ୍ତି, ସାମୂହିକ ପେନସନ ସ୍କିମ ସଂପୂର୍ଣ୍ଣ ଭାବେ ସ୍ୱେଚ୍ଛାକୃତ ଓ ଅଂଶଦାୟୀ ରହିବ। ଅର୍ଥାତ ଜଣେ ନିଜେ ଇଚ୍ଛାରେ ଆର୍ଥିକ ଯୋଗଦାନ କରିପାରିବେ। ଏହା କୌଣସି ଚାକିରି ସହ ଯୋଡ଼ି ହୋଇ ରହିବ ନାହିଁ। ଯେକୌଣସି ଲୋକ ସ୍କିମ ଜରିଆରେ ଆର୍ଥିକ ଯୋଗଦାନ କରି ପେନସନ ବ୍ୟବସ୍ଥାର ଲାଭ ଉଠାଇ ପାରିବେ। କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି (ଇପିଏଫଓ) ଏହି ଯୋଜନାକୁ ନେଇ ସ୍ୱତନ୍ତ୍ର ଭାବେ ଯୋଜନା ପ୍ରସ୍ତୁତ କରୁଛି। ଗୋଟିଏ ଥର ଯୋଜନାର ଫର୍ମାଟ ପ୍ରସ୍ତୁତ ହୋଇଗଲେ ସରକାର ଏହାକୁ ଲାଗୁ କରିବା ପାଇଁ ସବୁ ➤ ପୃ-୬

### ସାବରମତୀ ଢାଞ୍ଚାରେ ହେବ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପ

## ଖର୍ଚ୍ଚ ହେବ ୨୨୦କୋଟି ଟଙ୍କା

**ଭୁବନେଶ୍ୱର :** ଖୁବ୍‌ଶିଘ୍ର ଆରମ୍ଭ ହେବ କଟକ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପ। ୨୨୦କୋଟି ଟଙ୍କା ବ୍ୟୟ ଅଟକଳରେ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପ ଆରମ୍ଭହେବା ନେଇ ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଭୁବନେଶ୍ୱରର ଖାରବେଳ ଭବନରେ ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରିଭରଫ୍ରଣ୍ଟ ପ୍ରକଳ୍ପ ଡିପିଆରକୁ ରାଜ୍ୟ ସରକାରଙ୍କ ଅନୁମୋଦନଦେଇ ସାରିଛନ୍ତି। ପ୍ରକଳ୍ପ ପାଇଁ ୨୨୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ଆବଶ୍ୟକ ପଡ଼ିଲେ ଅଧିକ ବ୍ୟୟ କରାଯିବ। ଏଠାରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା, ଫୁଡ୍ କୋର୍ଟ, ଷ୍ଟଲ, ସ୍ପୋର୍ଟସ,



ପିକନିକ ସ୍ପଟ୍, ଥିମ୍ ପାର୍କ, ଓପନ ଏଆର୍ ଆମ୍ପି ଥିଏଟର, ସେନ୍ସରୀ ପାର୍କ, ସନସେଟ୍ ଡେକ୍, ବଟର ଫ୍ଲାଏ ଗାର୍ଡେନ, ସେନ୍ସରୀ ପାର୍କ ନିର୍ମାଣ କରାଯିବା ନେଇ ଯୋଜନା ହୋଇଛି। ଏହା ସଂପୂର୍ଣ୍ଣ ଭାବେ ଇକୋ ଫ୍ରେଣ୍ଡଲି ହେବ। ଆସନ୍ତା ବାଲିଯାତ୍ରା ସୁଦ୍ଧା ପ୍ରଥମ ପର୍ଯ୍ୟାୟ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସିଡିଏ ଏହି କାମକୁ ତ୍ୱରାନ୍ୱିତ କରିବ। ୨୮୨ ଏକର ସ୍ଥାନକୁ ଉନ୍ନତିକରଣ କରାଯିବ। ➤ ପୃ-୬

### ବିଶ୍ୱର ସବୁଠାରୁ ଗରିବ ଦେଶ ସୂଚୀ

## ୬୨ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ :** ଭାରତ ସରକାର ପାଞ୍ଚ ଟ୍ରିଲିୟନ ଅର୍ଥନୀତିର ସ୍ୱପ୍ନ ଦେଖୁଛନ୍ତି। ବର୍ତ୍ତମାନ ବିକାଶଶୀଳ ରାଷ୍ଟ୍ର ଶ୍ରେଣୀରେ ଥିବା ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ସହ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ବୋଲି କେନ୍ଦ୍ର ସରକାର ଦେଶବାସୀଙ୍କୁ ସ୍ୱପ୍ନ ଦେଖାଇଛନ୍ତି। ଦେଶରେ ଯେତେବେଳେ କୋଟି କୋଟି ଲୋକ ଦିନକୁ ଦୁଇ ଓଳି ଭଲ ଭାବେ ଖାଇବାକୁ ପାଉନାହାନ୍ତି ଓ ଖାଦ୍ୟ ନିରାପତ୍ତା ଯୋଜନାରେ ସେମାନଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି, ସେତେବେଳେ ବିକଶିତ ଭାରତ ଗଠନ ସ୍ୱପ୍ନ କିପରି ପୂରଣ ହେବ ବୋଲି ପ୍ରଶ୍ନ ଉଠିଛି। ଏହି କ୍ରମରେ ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଗରିବ ଦେଶ ସୂଚୀରେ ଭାରତର ସ୍ଥାନ ୬୨ତମ ସ୍ଥାନରେ ରହିବା ଦେଶର ଆର୍ଥିକ



ସ୍ଥିତି ଓ ବିକାଶର ଧାରାକୁ ସ୍ୱତଃ କାଠଗଡ଼ାରେ ଠିଆ କରିଛି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଦୁନିଆର ସବୁଠୁ ଧନୀ ଓ ସବୁଠୁ ଗରିବ ଦେଶଙ୍କ ତାଲିକା ଜାରି କରାଯାଇଥାଏ। ଚଳିତ ବର୍ଷ ଅର୍ଥାତ୍ ୨୦୨୪-୨୫ ବର୍ଷର ଏହି ତାଲିକାରେ ପାକିସ୍ତାନ ୫୦ତମ ସ୍ଥାନରେ ଥିବାବେଳେ ଭାରତର ସ୍ଥାନ ରହିଛି ୬୨। ମୋଟ ଘରୋଇ ଉତ୍ପାଦ (ଜିଡିପି) ଆଧାରରେ ➤ ପୃ-୬

### ବର୍ଷରେ ୮ ମାସ ଗରମ ପ୍ରକୋପ

## ୨୦୫୦ ସୁଦ୍ଧା ଗ୍ରୀଷ୍ମଦିନ ସଂଖ୍ୟା ହେବ ୮୦

**ଭୁବନେଶ୍ୱର :** ବର୍ଷର ୮ ମାସ ଗରମ ପ୍ରକୋପ ଯାଉନି। ଶୀତରେ ଛାଡୁନି ତାତି। ଆଗକୁ ସ୍ଥିତି ସାଂଘାତିକ ରୂପ ନେବ। ସବୁ ପ୍ରୟାସ ସତ୍ତ୍ୱେ ବିଶ୍ୱର ହାରାହାରି ତାପମାତ୍ରା ଦେଢ଼ ଡିଗ୍ରୀ ବଢ଼ି ସାରିଛି। ଆଇପିସିସିର ଭୟାନକ ଆକଳନ ଅନୁସାରେ ୨୦୫୦ ମସିହା ବେଳକୁ ବିଶ୍ୱର ହାରାହାରି ତାପମାତ୍ରା ୨ ଡିଗ୍ରୀ ସେଲସିୟସ୍ ବଢ଼ିପାରେ। ଏହି ଆକଳନ ଯଦି ସତ ହୁଏ, ଓଡ଼ିଶାରେ ସେତେବେଳକୁ ଭୟାନକ ଗ୍ରୀଷ୍ମ ପ୍ରବାହ ଚାଲିବ। ବର୍ଷକୁ ଗ୍ରୀଷ୍ମ ପ୍ରବାହ ଦିନ ସଂଖା ୭ ଗୁଣା ବଢ଼ି ୮୦ ଛୁଇଁବ। ପୂର୍ବରୁ ହାରାହାରି ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ୧୧ ରହୁଥିଲା। ୨୦୨୩ରେ କିନ୍ତୁ ଗ୍ରୀଷ୍ମ ପ୍ରବାହ



ଦିନ ସଂଖ୍ୟା ଦୁଇ ଗୁଣା ବଢ଼ି ୨୨ ହୋଇଥିଲା। ୨୦୨୪ରେ ଏମିତି ସ୍ଥିତି ୩୭ ଦିନ ଥିଲା। ୨୦୫୦ ବେଳକୁ ୮୦ ଦିନ ହୋଇପାରେ ବୋଲି ଆଶଙ୍କା ପ୍ରକଟ କରିଛନ୍ତି ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ଉମାଶଙ୍କର ଦାସ। ସ୍ୱାଭାବିକ୍ ତାପମାତ୍ରା ଠାରୁ ୪ରୁ ୬ ଡିଗ୍ରୀ ସେଲ୍ସିୟସ ଅଧିକ ରହିଲେ କିମ୍ବା ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଟପିଲେ ଏହାକୁ ହିଟ୍ ୱେଭ୍ କିମ୍ବା ଗ୍ରୀଷ୍ମ ପ୍ରବାହ ବୋଲି କୁହାଯାଏ। ଏହାର ଅର୍ଥ ହେଉଛି ବର୍ଷକୁ ୮୦ ଦିନ କଲବଲ କଲା ଭଳି ଅସ୍ୱାଭାବିକ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ। ୧୯୯୧ ମସିହାରେ ବାର୍ଷିକ ହାରାହାରି ଦିନ ତାପମାତ୍ରା ୩୨.୧ କିମ୍ବା ୩୨.୨ ଡିଗ୍ରୀ ସେଲସିୟସ୍ ପାଖାପାଖି ରହୁଥିଲା। ୧୯୯୫, ୧୯୯୬ରେ ୩୨ ଡିଗ୍ରୀରୁ ବି କମ୍ ଥିଲା ହାରାହାରି ବାର୍ଷିକ ଦିନ ତାପମାତ୍ରା। ଏମିତିକି ଭୟଙ୍କର ଗ୍ରୀଷ୍ମ ପ୍ରବାହର ବର୍ଷ ୧୯୯୮ରେ ବି ବର୍ଷର ହାରାହାରି ଦିନ ତାପମାତ୍ରା ୩୨ ଡିଗ୍ରୀ ସେଲସିୟସ୍ ➤ ପୃ-୬

### ବକ୍ରବାଣୀ



ଶେଷ ହେଲା କୁମ୍ଭ ଅବଗାହନ
ସତଷଠି କୋଟି ସାରିଲେ ସ୍ନାନ
ଏଆଇ ମେସିନି ଯାତ୍ରୀ ଗଣିଲା
ମୃତାହତ କେତେ ଗଣି ନ ହେଲା
ଯେଉଁ ଲୋକ କୁମ୍ଭେ ବୁଡ଼ ନ ଦେଲା
ବିଧର୍ମୀ, ପାପୀରେ ଗଣା ସେ ହେଲା
ଧର୍ମାନ୍ଧ ଜନତା ଧର୍ମାନ୍ଧ ଦେଶ
କାହାକୁ ଏଠାରେ ଦେବା ବା ଦୋଷ
ଦିନୁ ଦିନ ଦେଶ ତଳକୁ ଯାଏ
ମିଛେ ବିଶ୍ୱଗୁରୁ ବୋଲାଉଥାଏ।

——— ଟୁଟୁ

### ବାଂଲାଦେଶ ମାଧ୍ୟମରେ ଭାରତକୁ ଅସୁବିଧାରେ ପକାଇବାକୁ ଷଡଯନ୍ତ

## ରୋହିଙ୍ଗ୍ୟାଙ୍କୁ ଅସ୍ତ୍ର କରିଛି ପାକିସ୍ତାନ !

**ଇସଲାମାବାଦ :** ପ୍ରତ୍ୟେକ କ୍ଷେତ୍ରରେ ଭାରତଠାରୁ ପରାସ୍ତ ହେବା ପରେ, ପାକିସ୍ତାନ ଛାୟାଯୁଦ୍ଧ(ପ୍ରକ୍ସି ଯୁଦ୍ଧ)ର ଏକ ନୂତନ ଉପାୟ ଖୋଜି ପାଇଛି। ଏବେ ପାକିସ୍ତାନ ବାଂଲାଦେଶ ମାଧ୍ୟମରେ ଭାରତକୁ ଅସୁବିଧାରେ ପକାଇବାକୁ ଚେଷ୍ଟା କରୁଛି। ତଥାପି, ପୂର୍ବରୁ ଆଶଙ୍କା କରାଯାଉଥିଲା ଯେ, ଢାକା ଏବେ ପାକିସ୍ତାନର କୁଖ୍ୟାତ ଗୁଇନ୍ଦା ସଂସ୍ଥା ଆଇଏସଆଇର ନୂତନ ସ୍ଥାନ ହେବ। କିନ୍ତୁ ସଦ୍ୟତମ ରିପୋର୍ଟରୁ ଜଣାପଡ଼ିଛି ଯେ, ପାକିସ୍ତାନ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ମାଧ୍ୟମରେ ଭାରତକୁ ଅସୁବିଧାରେ ପକାଇବାକୁ ଯୋଜନା କରୁଛି। ଆଇଏସଆଇର ଲକ୍ଷ୍ୟ ହେଉଛି ଭାରତରେ ରୋହିଙ୍ଗ୍ୟା ଅନୁପ୍ରବେଶକୁ ବୃଦ୍ଧି କରିବା ଏବଂ ସେମାନଙ୍କ ଦାରିଦ୍ର୍ୟତାର ସୁଯୋଗ ନେବା। ରୋହିଙ୍ଗ୍ୟା ଶରଣାର୍ଥୀମାନେ ୨୦୦-୪୦୦ ଟଙ୍କା ପାଇଁ ମଧ୍ୟ ବଡ଼ ବଡ଼ ଅପରାଧ କରିବାକୁ ପ୍ରସ୍ତୁତ। ଶେଖ୍ ହସିନା ମଧ୍ୟ ରୋହିଙ୍ଗ୍ୟାମାନଙ୍କ ଉପରେ ବହୁତ ବିରକ୍ତ ଥିଲେ ଏବଂ ସେ ଖୋଲାଖୋଲି କହିଥିଲେ ଯେ, ରୋହିଙ୍ଗ୍ୟାମାନେ ବାଂଲାଦେଶରେ ଲୁଟପାଟ କରୁଛନ୍ତି। ଗଣମାଧ୍ୟମର ଏକ ରିପୋର୍ଟରେ ଦାବି କରାଯାଇଛି, ପାକିସ୍ତାନ, ମୌଳବାଦୀ ବାଂଲାଦେଶୀ ଗୋଷ୍ଠୀମାନଙ୍କ ସହ ମିଶି, ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ସଙ୍କଟର ସୁଯୋଗ ନେଇ ସେମାନଙ୍କୁ ତାଲିମ ପ୍ରଦାନ କରି ଭାରତର ପୂର୍ବ ସୀମାରେ ସେମାନଙ୍କୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଛି। ପାକିସ୍ତାନ ବାଂଲାଦେଶ ଦେଇ ଭାରତକୁ ଆତଙ୍କବାଦୀ ପଠାଇବାକୁ ଚାହୁଁଛି। ରିପୋର୍ଟ ଅନୁଯାୟୀ, ଏହି



ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଆଇଏସଆଇ ଏକ ରଣନୀତି ପ୍ରସ୍ତୁତ କରୁଛି। ଏହାର ଲକ୍ଷ୍ୟ ହେଉଛି ରୋହିଙ୍ଗ୍ୟାମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା, ସେମାନଙ୍କୁ ଭାରତ ପଠାଇବା ଏବଂ ଆତଙ୍କବାଦୀ ଘଟଣା ଘଟାଇବା। ରିପୋର୍ଟରେ କୁହାଯାଇଛି, ତ୍ରିପୁରା ଏବଂ ମିଜୋରାମ ସୀମାବର୍ତ୍ତୀ ବାଂଲାଦେଶୀ ଅଞ୍ଚଳରେ ତାଲିମ କେନ୍ଦ୍ର ସ୍ଥାପନ କରିବାକୁ ଯୋଜନା କରାଯାଉଛି। ଯେଉଁଠାରେ ରୋହିଙ୍ଗ୍ୟା ଏବଂ ଅଲକାଏଦା ସହିତ ଜଡିତ ଆତଙ୍କବାଦୀମାନଙ୍କୁ ତାଲିମ ଦିଆଯାଇପାରିବ। ବାଂଲାଦେଶରେ ଥିବା ରୋହିଙ୍ଗ୍ୟା ଏବଂ ଅଲକାଏଦା ନେଟୱାର୍କର ସୁଯୋଗ ନେଇ ଆଇଏସଆଇ ଭାରତ ବିରୋଧୀ ଭାବନା ବୃଦ୍ଧି କରିବାକୁ ଏବଂ ଭାରତରେ ଆତଙ୍କବାଦୀ ଆକ୍ରମଣ କରିବାକୁ ଚେଷ୍ଟା କରୁଛି। ଗତ ବର୍ଷ ଶେଖ ହାସିନାଙ୍କ ସରକାରର ପତନ ପରେ, ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ବାଂଲାଦେଶ ଜେଲ୍‌ରେ ବନ୍ଦୀ ଶହ ଶହ ମୌଳବାଦୀଙ୍କୁ ମୁକ୍ତ କରିଛନ୍ତି। କୁହାଯାଉଛି ଯେ, ଏପରି ଶହ ଶହ ଲୋକ ଅଛନ୍ତି ଯେଉଁମାନଙ୍କର ଅଲକାଏଦା ସହିତ ଘନିଷ୍ଠ ସମ୍ପର୍କ ଥିଲା। ତେଣୁ, ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଅନୁସାରେ ହସିନା ସରକାରଙ୍କ ପତନ ଭାରତ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି। ଶେଖ ହସିନାଙ୍କ ସରକାର ଏପରି ତତ୍ତ୍ୱମାନଙ୍କ ବିଷୟରେ ଭାରତକୁ ନିରନ୍ତର ଗୁପ୍ତ ସୂଚନା ପ୍ରଦାନ କରୁଥିଲେ, ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ**
ଶର୍ଦ୍ଦି, ଜ୍ୱର ରୋଗରେ ପୀଡିତ ହେବେ। ନିଜ ଇଚ୍ଛା ବିରୁଦ୍ଧରେ କାମ କରିବେ। ଖର୍ଚ୍ଚ ଉପରେ ଲଗାମ ଲଗାନ୍ତୁ। ପିତାମାତାଙ୍କ ଠାରୁ କିଛି ପ୍ରାପ୍ତି ଯୋଗ ଅଛି। ପତିପତ୍ନୀଙ୍କ ମଧ୍ୟରେ କଥା କଟାକଟି ହୋଇପାରେ। ଶୁଭ ତାରିଖ : ୪, ୬, ଭାଗ୍ୟଫଳ : ୮୦%। ପ୍ରତିକାର : ଶନି ମନ୍ଦିରରେ ହରଡଡାଲି ଦାନ କରନ୍ତୁ।

**ବୃଷ**
ସ୍ୱାସ୍ଥ୍ୟରେ ଉନ୍ନତି ପରିଲିକ୍ଷିତ ହେବ। ଶତ୍ରୁ ସଂଖ୍ୟାରେ ବୃଦ୍ଧି। ସତର୍କ ରହନ୍ତୁ। ବ୍ୟବସାୟରେ ଲାଭବ। ସାମାଜିକ କାର୍ଯ୍ୟରେ ଭାଗ ନେବେ। ପ୍ରେମିମାନେ ସତର୍କ ରହିବା ଆବଶ୍ୟକ। ଶୁଭ ତାରିଖ : ୬, ୯, ଭାଗ୍ୟଫଳ : ୭୦%। ପ୍ରତିକାର : ତୁଳସୀ ମୂଳରେ ଦୀପ ଦାନ କରନ୍ତୁ ଓ ୧୧ଥର ପରିକ୍ରମା କରନ୍ତୁ।

**ମିଥୁନ**
ପେଟ ସମ୍ବନ୍ଧୀୟ ରୋଗ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। କିନ୍ତୁ ସହଜରେ କାହାକୁ ବିଶ୍ୱାସ କରନ୍ତୁ ନାହିଁ। ତରବରିଆ ନିଷ୍ପତ୍ତି ଯୋଗୁ ପତିପତ୍ନୀଙ୍କ ଓ ପ୍ରେମୀମାନଙ୍କର ସମ୍ପର୍କ ବିଗିଡିପାରେ। ଶୁଭ ତାରିଖ : ୬, ୭, ଭାଗ୍ୟଫଳ : ୮୦%। ପତିକାର : ସୋମବାର ଗଙ୍ଗାଜଳ ଚନ୍ଦ୍ରଙ୍କୁ ଅର୍ପଣ କରନ୍ତୁ।

**କର୍କଟ**
ମୁଣ୍ଡବିନ୍ଧାରେ ପୀଡିତ ହୋଇପାରନ୍ତି। ବ୍ୟବସାୟ ନୂଆ ସୁଯୋଗ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି। ଉଧାର ଦିଅନ୍ତୁ ନାହିଁ। ପ୍ରେମ ବିବାହରେ ପରିଣତ ହୋିପାରେ। ଶୁଭ ତାରିଖ : ୫, ଭାଗ୍ୟଫଳ : ୬୦%। ପ୍ରତିକାର :ଶିବ ଚାଳିସା ପାଠ କରନ୍ତୁ।

**ସିଂହ**
ଦାନ୍ତରେ ସମସ୍ୟା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସାବଧାନ ରହନ୍ତୁ। ବିଦେଶରୁ ଲାଭ ଯୋଗ। ବ୍ୟବସାୟରେ ଉପର ତଳ ହେବ। ଜୀବନ ସାଥିଙ୍କ ସହଯୋଗ ବଢ଼ିବ। ଶୁଭ ତାରିଖ : ୬, ୮, ଭାଗ୍ୟଫଳ : ୭୦%। ପ୍ରତିକାର : ବରଗଛ ମୂଳରେ ଜଳ ଓ ଦୀପ ଅର୍ପଣ କରନ୍ତୁ।

**କନ୍ୟା**
କୋଷ୍ଠକାଠିନ୍ୟ ପରି ସମସ୍ୟା ହୋଇପାରେ। ଅନ୍ୟର ସହଯୋଗରେ ଚାକିରି ଓ ବ୍ୟବସାୟରେ ଲାଭ। ଅଚାନକ ଧନ ପ୍ରାପ୍ତି ଯୋଗ ଅଛି। ଖର୍ଚ୍ଚରେ ଲଗାମ ଦିଅନ୍ତୁ। ଛାତ୍ରମାନେ ପାଠ ପାଇଁ ବାହାରକୁ ଯାଇ ପାରନ୍ତି। ଶୁଭ ତାରିଖ : ୪, ୭, ଭାଗ୍ୟଫଳ : ୮୦%। ପ୍ରତିକାର : ଦକ୍ଷୀଣମୁଖୀ ଶଙ୍ଖକୁ ପୂଜା କରନ୍ତୁ।

**ତୁଳା**
ସ୍ୱାସ୍ଥ୍ୟରେ ଉତ୍ତମ ରହିବ। ଆଇଟି କ୍ଷେତ୍ରରେ ଲାଭ ମିଳିବ। ଆର୍ଥିକ ସ୍ଥିତି ଉତ୍ତମ। ପୁରୁଣା ବିବାଦରୁ ମୁକ୍ତି ମିଳିବ। ପ୍ରେମରେ ସଫଳତା ମିଳିବ। ଶୁଭ ତାରିଖ : ୬, ଭାଗ୍ୟଫଳ : ୬୦%। ପ୍ରତିକାର : ମା' ଲକ୍ଷ୍ମୀଙ୍କୁ ଖୀରି ଭୋଗ ଲଗାନ୍ତୁ।

**ବିଛା**
ସ୍ୱାସ୍ଥ୍ୟ ସାମାନ୍ୟ ବିଗିଡିପାରେ। କାର୍ଯ୍ୟ କ୍ଷେତ୍ରରେ ଅଧିକାରୀଙ୍କ ସହ କଥା କଟାକଟି। ମକଦ୍ଦମାରୁ ବିଜୟୀ। ନୂଆ ଚାକିରୀ ଯୋଗ। ପ୍ରେମୀମାନଙ୍କ ପାଇଁ ସମୟ ପ୍ରତିକୂଳ। ଶୁଭ ତାରିଖ : ୫, ୬, ଭାଗ୍ୟଫଳ : ୭୦%। ପ୍ରତିକାର : ସଂଧ୍ୟାରେ ହନୁମାନ ଜୀଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ଧନୁ**
ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ହୋଇପାରେ। ସାକାରାତ୍ମକ ଚିନ୍ତା ପାଇଁ ଲାଭ ପାଇବେ। ସଠିକ୍ ନିଷ୍ପତ୍ତି ନିଅନ୍ତୁ। ଛାତ୍ରମାନେ ସଠିକ୍ ସଂଗତ ପ୍ରତି ଧ୍ୟାନ ଦିଅନ୍ତୁ। ପୁରୁଣା ମତାନ୍ତର ଶେଷ ହେବ। ଶୁଭ ତାରିଖ : ୯, ଭାଗ୍ୟଫଳ : ୭୦%। ପ୍ରତିକାର : ରାମଦୂତାୟ ମନ୍ତ୍ର ଜପ କରନ୍ତୁ।

**ମକର**
ବୟସ୍କଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟବସାୟ ବଢ଼ିବ। କାହାକୁ ଉପଦେଶ ଦିଅନ୍ତୁ ନାହିଁ। ଅଟକି ଥିବା ପଇସା ଫେରିବ। ଛାତ୍ରଙ୍କ ସମୟ ଅନୁକୂଳ। ବିବାହର ଯୋଗ ଅଛି। ଶୁଭ ତାରିଖ : ୭, ୧୦, ଭାଗ୍ୟଫଳ : ୬୦%। ପ୍ରତିକାର : ହନୁମାନଙ୍କୁ ପାନପତ୍ରରେ ଲଡୁ ଭୋଗ ଲଗାନ୍ତୁ।

**କୁମ୍ଭ**
ମାଂସପେଶୀରେ ଯନ୍ତ୍ରଣା ହେବ। ଅନ୍ୟ କଥାରେ ବ୍ୟବସାୟରୁ କ୍ଷତି ହେବ। ଆୟ ବଢ଼ିବ। ନିଜର ସମସ୍ୟା ସମାଧାନ ନିଜେ କରନ୍ତୁ। ଶୁଭ ତାରିଖ : ୫, ୯, ଭାଗ୍ୟଫଳ : ୮୦%। ପ୍ରତିକାର : ହନୁମାନ ମନ୍ଦିର ବା ବରଗଛରେ ପତାକାଟିଏ ଲଗାନ୍ତୁ।

**ମୀନ**
ନିଜର କ୍ରୋଧରେ ଲଗାମ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହିବେ। ଜମିବାଡିରେ ନିବେଶ କରନ୍ତୁ। ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ। ବନ୍ଧୁ ଓ ପରିବାରରେ ସମୟ କଟିବ। ଶୁଭ ତାରିଖ : ୧୦, ଭାଗ୍ୟଫଳ : ୮୦%। ପ୍ରତିକାର : ମଙ୍ଗଳବାର ଦିନ ଲାଲ ବସ୍ତ୍ର ଦାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ୪.୩ ଟ୍ରିଲିୟନ ଡଲାରର ବାସ୍ତବ ଜିଡିପି ସହ ପଞ୍ଚମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ:** ନୀତି ଆୟୋଗ ଗୁରୁବାର ସ୍ପଷ୍ଟ କରିଛି, ୨୦୨୫ରେ ୪.୩ ଟ୍ରିଲିୟନ ଡଲାରର ବାସ୍ତବ ଜିଡିପି ସହିତ ଭାରତ ବିଶ୍ୱର ଶୀର୍ଷ ଅର୍ଥନୀତି ମଧ୍ୟରେ ପଞ୍ଚମ ସ୍ଥାନରେ ରହିଛି। ସାମାଜିକ ଗଣମାଧ୍ୟମଆ ପୋଷ୍ଟରେ ନୀତି ଆୟୋଗ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିକୁ ଉଦାହରଣ ଦେଇ କହିଛି ଯେ ଭାରତର ଶୃଙ୍ଖଳିତ ବାସ୍ତବ ଜିଡିପି ୨୦୧୫ରେ ୨.୪ ଟ୍ରିଲିୟନ ଡଲାର ଥିବା ବେଳେ ୨୦୨୫ରେ ଏହା ୪.୩ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଛି। ଶୀର୍ଷ ୨୦ଟି ଦେଶ ମଧ୍ୟରେ ଭାରତ ସର୍ବାଧିକ ମୁଦ୍ରାସ୍ଫୀତି ଭିତ୍ତିକ ୭୭% ଅଭିବୃଦ୍ଧି ହାସଲ କରିଛି, ଯାହା ଚୀନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଭଳି ପ୍ରମୁଖ ଅର୍ଥନୀତିକୁ ପଛରେ ପକାଇ ଦେଇଛି।

## ୨୪-୨୫ ଆର୍ଥିକ ବର୍ଷରେ ଦେଶର ଆଇଟି କ୍ଷେତ୍ରର ରାଜସ୍ୱ ୨୮୨ ବିଲିୟନ ଡଲାର

**ନୂଆଦିଲ୍ଲୀ :** କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଭାରତର ସୂଚନା ପ୍ରଯୁକ୍ତି ବିଦ୍ୟା (ଆଇଟି) କ୍ଷେତ୍ର ୨୦୨୪-୨୫ ଆର୍ଥିକ ବର୍ଷରେ ୨୮୨ ବିଲିୟନ ଡଲାର ରାଜସ୍ୱ ହାସଲ କରିଛି। ଶ୍ରୀ ବୈଷ୍ଣବ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଯେ ଏହି ସମୟ ମଧ୍ୟରେ ୯୦ ହଜାର ପେଟେଣ୍ଟ ଦାଖଲ କରାଯାଇଥିଲା। ୨୦୨୪-୨୫ରେ ଆଇଟି କ୍ଷେତ୍ରର ରପ୍ତାନି ୨୨୪ ବିଲିୟନ ଡଲାରରେ ପହଞ୍ଚିଛି।

# ୨୧ରୁ ୨୮କୁ ବଢ଼ିପାରେ ଓଡିଶାର ଲୋକସଭା ଆସନ ସଂଖ୍ୟା

**ନୂଆଦିଲ୍ଲୀ :** ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନ୍ ଲୋକସଭା ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ଦ୍ୱାରା ଦାକ୍ଷିଣାତ୍ୟ ରାଜ୍ୟଗୁଡ଼ିକର ଲୋକସଭା ଆସନ ସଂଖ୍ୟା ହ୍ରାସ ପାଇବ ବୋଲି ଆଶଙ୍କା ବ୍ୟକ୍ତ କରିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହାକୁ ଖଣ୍ଡନ କରିଛନ୍ତି। ତେବେ ୨୦୨୬ରେ ସମ୍ଭାବ୍ୟ ଡିଲିମେଟସନ୍ ଦ୍ୱାରା ଭାରତର ନିର୍ବାଚନ ନକ୍ସାରେ ବଡ଼ ଧରଣର ପରିବର୍ତ୍ତନ ହେବାକୁ ଯାଉଥିବା ଏବେଠୁ ଆକଳନ କରାଯାଉଛି। ଜନଗଣନା ପରେ ଜନସଂଖ୍ୟା ଆଧାରରେ ଡିଲିମିଟେସନ୍ ହେବାର ନିୟମ ରହିଛି। ଜନଗଣନା ୫ ବର୍ଷ ବିଳମ୍ବିତ ହୋଇଥିବାବେଳେ ଚଳିତ ବର୍ଷ ଏହା ଅନୁଷ୍ଠିତ ହେବାର ସମ୍ଭାବନା ମଧ୍ୟ ଦେଖାଯାଉନାହିଁ। ଯଦି ଜନଗଣନା ହେବ; ତେବେ ତାହା ଅନ୍ୟୂନ ୨୦୨୬ରେ ଶେଷ ହେବ ଏବଂ ତା'ପରେ ଡିଲିମିଟେସନ୍ ପ୍ରକ୍ରିୟା ଆୟୋଜନ ହେବ। ଅପରପକ୍ଷରେ ପ୍ରଚଳିତ ନିୟମାନୁସାରେ ୨୦୨୬ରେ ଡିଲିମିଟେସନ୍ କରାଯିବା କଥା। ଦେଶରେ ଜନସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ ୧୯୭୭ରୁ ଲୋକସଭା ଆସନ ସଂଖ୍ୟାରେ ପରିବର୍ତ୍ତନ ହୋଇନାହିଁ। ଜନସଂଖ୍ୟା ବୃଦ୍ଧି ଅନୁସାରେ ଡିଲିମିଟେସନ୍ ହେଲେ ଲୋକସଭା ସଦସ୍ୟ ସଂଖ୍ୟା ୫୪୩ରୁ ୭୫୩କୁ ବୃଦ୍ଧି ପାଇବାର ଆକଳନ କରାଯାଉଛି। ଏହି ସଂଖ୍ୟା ୮୪୬ରେ ମଧ୍ୟ ପହଞ୍ଚିପାରେ। କେନ୍ଦ୍ର ସରକାର ଲୋକସଭାରେ ମହିଳାଙ୍କ ପାଇଁ ୩୩ପ୍ରତିଶତ ଆ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଡିଲିମିଟେସନ୍ରେ ଏହା କାର୍ଯ୍ୟକାରୀ ହେବ। ଅନ୍ୟାନ୍ୟ ସଂରକ୍ଷଣ ଅନୁପାତ ମଧ୍ୟ ବୃଦ୍ଧିପାଇବ। ଡିଲିମିଟେସନ୍ ହେଲେ ଉତ୍ତର ପ୍ରଦେଶ ଓ ବିହାର ଭଳି ଉତ୍ତର ଭାରତୀୟ ରାଜ୍ୟ ସର୍ବାଧିକ ଲାଭବାନ ହେବେ ବୋଲି କୁହାଯାଉଛି; କାରଣ ଏହି ରାଜ୍ୟଗୁଡ଼ିକର ଜନସଂଖ୍ୟା ଦକ୍ଷିଣ ଭାରତୀୟ ରାଜ୍ୟ ତୁଳନାରେ ଅଧିକ। ଆକଳନ ଅନୁସାରେ କର୍ଣ୍ଣାଟକର ଲୋକସଭା ଆସନ ସଂଖ୍ୟା ୨୮ରୁ ୩୬କୁ ବୃଦ୍ଧିପାଇବ। ସେହିପରି ତେଲଙ୍ଗାନାରେ ୧୭ରୁ ୨୦କୁ, ଆନ୍ଧ୍ର ପ୍ରଦେଶରେ ୨୫ରୁ ୨୮କୁ, ତାମିଲନାଡୁରେ ୩୯ରୁ ୪୧କୁ ବୃଦ୍ଧି ପାଇବା ସମ୍ଭାବନା ଥିଲାବେଳେ କେରଳରେ ୨୦ରୁ ୧୯କୁ ହ୍ରାସ ପାଇବା ସମ୍ଭାବନା ରହିଛି। ସେହିପରି ଓଡ଼ିଶାରେ ଲୋକସଭା ଆସନ ସଂଖ୍ୟା ୨୧ରୁ ୨୮କୁ ବୃଦ୍ଧି ପାଇପାରେ। ଅପରପକ୍ଷରେ ଉତ୍ତର ପ୍ରଦେଶରେ ୮୦ରୁ ୧୨୮କୁ, ବିହାରରେ ୪୦ରୁ ୭୦କୁ, ଝାଡ଼ଖଣ୍ଡରେ ୧୪ରୁ ୨୪କୁ, ମଧ୍ୟପ୍ରଦେଶରେ ୨୯ରୁ ୪୭କୁ, ଛତିଶଗଡ଼ରେ ୧୧ରୁ ୧୯କୁ, ଗୁଜରାଟରେ ୨୬ରୁ ୪୩କୁ, ମହାରାଷ୍ଟ୍ରରେ ୪୮ରୁ ୬୮କୁ, ରାଜସ୍ଥାନରେ ୨୫ରୁ ୪୪କୁ ଆସନ ସଂଖ୍ୟା ବୃଦ୍ଧିପାଇବା ସମ୍ଭାବନା ରହିଛି। ଲୋକସଭା ଆସନ ସଂଖ୍ୟା ବୃଦ୍ଧି ପାଇଲେ ସରକାର ଗଠନର ମ୍ୟାଜିକ ସଂଖ୍ୟା ମଧ୍ୟ ବଦଳିଯିବ। ମୋଟ ଆସନ ସଂଖ୍ୟା ଯଦି ୮୪୬ ହୁଏ; ତେବେ ମ୍ୟାଜିକ ସଂଖ୍ୟା ୪୨୪ ହେବ। ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ, ମଧ୍ୟପ୍ରଦେଶ, ଦିଲ୍ଲୀ, ହରିୟାଣା ଭଳି ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକର ଆସନ ସଂଖ୍ୟା ମିଶିଲେ ୩୭୮ ହେବ। ଓଡ଼ିଶା ଓ ମହାରାଷ୍ଟ୍ର ମିଶିଗଲେ ଏହା ୪୮୨ରେ ପହଞ୍ଚିଯିବ। ସ୍ୱାଭାବିକ ଭାବେ ଏହା କେନ୍ଦ୍ରରେ ସରକାର ଗଠନ ପାଇଁ ମ୍ୟାଜିକ ସଂଖ୍ୟାକୁ ଅତିକ୍ରମ କରିବା ସହ ଏଥିପାଇଁ ଅଧିକ ଶକ୍ତି କରିବ। ଅପରପକ୍ଷରେ ଦାକ୍ଷିଣାତ୍ୟ ରାଜ୍ୟ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କେରଳ ଓ ପୁଡୁଚେରୀର ମୋଟ ପ୍ରତିନିଧିତ୍ୱ ମାତ୍ର ୧୬୫ରେ ପହଞ୍ଚିବ। ତେଣୁ ଦେଶର ନିମ୍ନ ସଦନରେ ପ୍ରତିନିଧିତ୍ୱ କ୍ଷେତ୍ରରେ ବ୍ୟାପକ ଅସମାନତା ଲକ୍ଷ୍ୟ କରାଯିବ ଏବଂ ଉତ୍ତର ଭାରତୀୟ ରାଜ୍ୟମାନେ ପ୍ରାଧାନ୍ୟ ଜାହିର କରିବେ। ଭବିଷ୍ୟତର ଏହି ସମ୍ଭାବ୍ୟ ବିପଦକୁ ଷ୍ଟାଲିନ୍ ଠିକ୍ ଆକଳନ କରିଥିବା କୁହାଯାଉଛି। ୨୦୦୨ରେ ପ୍ରଣୀତ ଡିଲିମିଟେସନ୍ ଆଇନାନୁସାରେ ଲୋକସଭା କିମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ କ୍ଷେତ୍ରରେ ରାଜ୍ୟଗୁଡ଼ିକର ବିଶେଷ ଭୂମିକା ନଥାଏ। ନିର୍ବାଚନ ଆୟୋଗଙ୍କ ଡିଲିମିଟେସନ୍ କମିସନ୍ ଏହାକୁ ଜନଗଣନା ଅଧିକାରୀ ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସହାୟତାରେ ସ୍ଥିର କରିବେ। ଉପରୋକ୍ତ ହିସାବ ଅନୁସାରେ ଜନପ୍ରତିନିଧିତ୍ୱ କ୍ଷେତ୍ରରେ ଅସଂଗତି ସୃଷ୍ଟି ହେବାର ଆଶଙ୍କା ରହିଛି।

## ଟ୍ରମ୍ପଙ୍କ ଶୁଳ୍କରେ ଭାରତ ଅଧିକ ପ୍ରଭାବିତ

**ନୂଆଦିଲ୍ଲୀ :** ଟ୍ରମ୍ପ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିବା ଶୁଳ୍କକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଏଥିଯୋଗୁ ବିଶ୍ୱର ଅଧିକାଂଶ ରାଷ୍ଟ୍ର ପ୍ରଭାବିତ ହେବେ। ହେଲେ ଟ୍ରମ୍ପଙ୍କ ଏହି ଶୁଳ୍କର ପ୍ରଭାବ ଭାରତ ଉପରେ ସବୁଠାରୁ ଅଧିକ ରହିବ ବୋଲି ଷ୍ଟାଣ୍ଡାର୍ଡ ଆଣ୍ଡ ପୁଅର୍ସ (ଏସ୍ଆଣ୍ଡପି) ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଏହାବ୍ୟତୀତ ଅଧୀନରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଅନେକ ଅର୍ଥନୀତି ଉପରେ ମଧ୍ୟ ଏହି ଶୁଳ୍କ ଚାପ ଅଧିକ ରହିବ ବୋଲିଏଜେନ୍ସି ସତର୍କ କରାଇଦେଇଛି। ଟ୍ରମ୍ପଙ୍କ ଶୁଳ୍କ ଲାଗୁ ପରେ ଏଥିରେ ସବୁଠାରୁ ଅଧିକ ପ୍ରଭାବିତ ହେବାକୁ ଥିବା ଭାରତ ପଛକୁ ଦକ୍ଷିଣ କୋରିଆ ଏବଂ ଥାଇଲ୍ୟାଣ୍ଡ ରହିଛନ୍ତି। ଏହାଛଡା ଭିଏତନାମ, ତାଇୱାନ, ଥାଇଲ୍ୟାଣ୍ଡ ଏବଂ ଦକ୍ଷିଣ କୋରିଆ ଭଳି ଅର୍ଥନୀତିଗୁଡ଼ିକର ଆମେରିକା ସହ ବାଣିଜ୍ୟ କାରବାର ବେଶ ଅଧିକ ରହିଛି। ସେ ଦୃଷ୍ଟିରୁ ଏହି ରାଷ୍ଟ୍ରଗୁଡିକ ମଧ୍ୟ ଏହା ଦ୍ୱାରା ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ରେଟିଂ ଏଜେନ୍ସି ଏସ୍ଆଣ୍ଡପି ଗ୍ଲୋବାଲ ସୋମବାର ଏହାର ରିପୋର୍ଟ 'ଆମେରିକୀୟ ବାଣିଜ୍ୟ ଶୁଳ୍କ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୀତିକୁ ପ୍ରଭାବିତ କରିବାର ସମ୍ଭାବନା' ଶୀର୍ଷକରେ ଏହା କହିଛି। ଏହାର ଅର୍ଥ ହେଉଛି ଯଦି ଶୁଳ୍କ ଲାଗୁ କରାଯାଏ ତେବେ ସେମାନଙ୍କ ଉପରେ ସବୁଠାରୁ ଅଧିକ ଆର୍ଥିକ ପ୍ରଭାବ ପଡ଼ିବ। ଏଜେନ୍ସି କହିଛି ଯେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର କିଛି ରାଷ୍ଟ୍ର ଆମେରିକୀୟ ଉତ୍ପାଦଗୁଡ଼ିକ ଉପରେ ତୁଳନାତ୍ମକ ଭାବରେ ଅଧିକ ଶୁଳ୍କ ଲାଗୁ କରୁଛନ୍ତି। ପ୍ରତିଶୋଧମୂଳକ ଶୁଳ୍କ କାର୍ଯ୍ୟାନୁଷ୍ଠାନ ପାଇଁ ସେହି ଅର୍ଥନୀତିଗୁଡ଼ିକ ଉପରେ ବର୍ତ୍ତମାନ ଅନୁଶୀଳନ କରାଯାଉଛି। ହେଲେ ଏହା ଉପରେ ଏବେଠାରୁ ଆକଳନ କରିବା ବେଶ କଷ୍ଟକର, କାରଣ ଆମେରିକାର କେଉଁ ସ୍ତରର ଶୁଳ୍କ ସହିତ ଏହା ମେଳ ଖାଇବ ତାହା ସ୍ପଷ୍ଟ ହୋଇପାରୁନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ଭାରତ ସମେତ ତାଙ୍କର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲାଗୁ କରିବେ। ଆମେରିକା ପ୍ରଶାସନ ପୂର୍ବରୁ ଚୀନରୁ ଆମଦାନୀ ଉପରେ ଅତିରିକ୍ତ ୧୦ ପ୍ରତିଶତ ଏବଂ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିସାରିଛି। ଏହା ହୁଏତ ଏହାର ଶେଷ ପଦକ୍ଷେପ ନୁହେଁ ବୋଲି ଏସ୍ଆଣ୍ଡପି କହିଛି। ଆମେରିକା ସହଯୋଗୀ ଅର୍ଥନୀତି ଉପରେ ବାଣିଜ୍ୟ ଶୁଳ୍କ ଲାଗୁ କରିବାରେ ଅଧିକ ଅନିଚ୍ଛା ଦେଖାଇବାର ଅନିଶ୍ଚିତତା ଅଧିକ।

**ବିଶ୍ୱର ଧନୀଙ୍କୁ ଆମେରିକାରେ ଥଇଥାନ କରାଇବେ ଟ୍ରମ୍ପ**

# ଆଣିବେ 'ଗୋଲ୍ଡ କାର୍ଡ' ଫର୍ମୁଲା !

**ନୂଆଦିଲ୍ଲୀ :** ଆମେରିକା ଉପରେ ସାରା ବିଶ୍ୱବାସୀଙ୍କ ନଜର। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପରେ ଗୋଟିଏ ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ନେବାରେ ଲାଗିଛନ୍ତି। ଏକ ଖବର ଆସିଛି ଯେ, ଟ୍ରମ୍ପ ସରକାର ଖୁବ୍ ଶୀଘ୍ର ଗୋଲ୍ଡ କାର୍ଡ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନା ଗ୍ରୀନ କାର୍ଡ ପରି ହେବ କିନ୍ତୁ ଏହା ଅତିରିକ୍ତ ସୁବିଧା ମଧ୍ୟ ପ୍ରଦାନ କରିବ। ଏହା ଆମେରିକୀୟ ନାଗରିକତା ହାସଲ କରିବାର ପଥ ମଧ୍ୟ ଖୋଲିଦେବ। ଓଭାଲ ଅଫିସରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି ଯେ ଆମେ ଖୁବ୍ ଶୀଘ୍ର ଗୋଲ୍ଡ କାର୍ଡ ବିକ୍ରି କରିବାକୁ ଯାଉଛୁ। ଏହା ଗ୍ରୀନ କାର୍ଡ ପରି ଏକ ସୁନା କାର୍ଡ ହେବ। ଏହାର ମୂଲ୍ୟ ପାଞ୍ଚ ନିୟୁତ ଡଲାର ହେବ।




ଏହି କାର୍ଡ ମାଧ୍ୟମରେ, ଆପଣ ଗ୍ରୀନ କାର୍ଡ ପରି ସମାନ ସୁବିଧା ପାଇବେ କିନ୍ତୁ କିଛି ଅତିରିକ୍ତ ସୁବିଧା ମଧ୍ୟ ପାଇବେ। ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଏହି ଯୋଜନା ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସଂସଦର ଅନୁମୋଦନର ମଧ୍ୟ ଆବଶ୍ୟକତା ନାହିଁ । ଏହି ସମୟରେ, ଯେତେବେଳେ ଟ୍ରମ୍ପଙ୍କୁ ପଚରାଗଲା ଯେ କ'ଣ ଋଷିଆର ଧନୀ କୋଟିପତିମାନେ ମଧ୍ୟ ଏହି ଗୋଲ୍ଡ କାର୍ଡ ମାଧ୍ୟମରେ ଆମେରିକୀୟ ନାଗରିକତା ପାଇପାରିବେ ? ତେଣୁ ଏହା ଉପରେ ଟ୍ରମ୍ପ ସମ୍ଭବତଃ କହିଥିଲେ। ମୁଁ କିଛି ଋଷୀୟ କୋଟିପତିଙ୍କୁ ଜାଣେ ଯେଉଁମାନେ ବହୁତ ଭଲ। ମୁଁ ଭାବୁଛି ସେ ସୁନା କାର୍ଡ ପାଇପାରିବ। ଟ୍ରମ୍ପ କହିଥିଲେ ଯେ ଏହା ତାଙ୍କୁ ଧନୀ ଏବଂ ସଫଳ କରିବ। କିନ୍ତୁ ସେମାନଙ୍କୁ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ଏବଂ ବହୁତ ଟିକସ ମଧ୍ୟ ଦେବାକୁ ପଡିବ। ଏହି ଯୋଜନା ବହୁତ ସଫଳ ହେବ। ଆପଣଙ୍କୁ କହି ରଖୁଛୁ ଯେ ଟ୍ରମ୍ପଙ୍କ ଏହି ନୂତନ ସୁନା କାର୍ଡ ପାଞ୍ଚ ମିଲିୟନ ଡଲାର ଅର୍ଥାତ୍ ୫୦ ଲକ୍ଷ ଡଲାରରେ ମିଳିପାରିବ। ଏହି ପରିମାଣ ଭାରତୀୟ ଟଙ୍କାରେ ପ୍ରାୟ ୪୩ କୋଟି ଟଙ୍କା। ଟ୍ରମ୍ପ ପ୍ରଶାସନର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ କହିଛନ୍ତି ଯେ ଗୋଲ୍ଡ କାର୍ଡ ପ୍ରକୃତରେ ଏକ ପ୍ରକାରର ଗ୍ରୀନ କାର୍ଡ ହେବ। ଟ୍ରମ୍ପଙ୍କ ଏହି ନୂତନ 'ଗୋଲ୍ଡ କାର୍ଡ' ଯୋଜନା ପୂର୍ବରୁ ଥିବା ଇବି-୫ ଯୋଜନାକୁ ବଦଳାଇବାକୁ ଯାଉଛି। ଏହା ମାଧ୍ୟମରେ, ବିଦେଶୀ ନିବେଶକମାନେ ଆମେରିକୀୟ ବ୍ୟବସାୟରେ ନିବେଶ କରି ଗ୍ରୀନ କାର୍ଡ ପାଇପାରିବେ। ସେ କହିଛନ୍ତି ଯେ 'ଗୋଲ୍ଡ କାର୍ଡ'ରୁ ପ୍ରାପ୍ତ ଟଙ୍କା ସିଧାସଳଖ ସରକାରଙ୍କୁ ଯାଇପାରିବ। ଲୁକନିକ୍ କହିଥିଲେ ଯେ ଆମେ ଇବି-୫ କାର୍ଯ୍ୟକ୍ରମକୁ ସମାପ୍ତ କରିବୁ। ଆମେ ଏହାକୁ ଟ୍ରମ୍ପ ଗୋଲ୍ଡ କାର୍ଡ ସହିତ ବଦଳାଇବୁ। ଏହି ସୁନା କାର୍ଡ ପାଞ୍ଚ ନିୟୁତ ଡଲାର ଦେଇ ପ୍ରାପ୍ତ ହୋଇଛି।

## ଜାତୀୟ ସଂକଟ ଆଡକୁ ମୁହାଁଉଛି ବାଂଲାଦେଶ

**ଢାକା :** ବାଂଲାଦେଶରେ ଏବେ ଆଇନ ଶୃଙ୍ଖଳା ପରିସ୍ଥିତି ଓ ରାଜନୈତିକ ଉତ୍ତେଜନା ଲାଗି ରହିଛି। ଦେଶବାସୀ କଳହରତ ଥିବାବେଳେ ବିଭିନ୍ନ ପ୍ରସଙ୍ଗରେ ପରସ୍ପରକୁ ଦୋଷାରପ କରୁଛନ୍ତି। ଏଥିପାଇଁ ଆଗାମୀ ଦିନରେ ଦେଶରେ ଜାତୀୟ ସଂକଟ ଦେଖାଦେବାର ଆଶଙ୍କା ରହିଥିବା ସେନାମୁଖ୍ୟ ଜେନେରାଲ ୱାକର ଉଜ୍ ଜମାନ କହିଛନ୍ତି। ଜାତୀୟ ସଂକଟ ଯୋଗୁଁ ବାଂଲଦେଶର ସ୍ୱାଧୀନତା ଓ ସାର୍ବଭୌମତ୍ୱ ବିପଦରେ ପଡିବ ବୋଲି ସେନାମୁଖ୍ୟ କହିଛନ୍ତି। ସୋମବାର କକ୍ସ ବଜାରସ୍ଥିତ ବାୟୁସେନା ଘାଟି ଉପରେ କେତେକ ଦୁର୍ବୃତ୍ତ ଆକ୍ରମଣ ଘଟଣାକୁ ନିନ୍ଦା କରି ସେନାମୁଖ୍ୟ କହିଛନ୍ତି ଯେ ସେନା ଉପରେ ଆକ୍ରମଣ କରିବାକୁ ଅପଚେଷ୍ଟା କରା ନଯାଉ। ବରଂ ସେନାକୁ ଦେଶବାସୀ ସହଯୋଗ କରନ୍ତୁ। ସମସ୍ୟାର ସମାଧାନ ପାଇଁ ପ୍ରସ୍ତାବ ଦିଅନ୍ତୁ। ଜେନେରାଲ ୱାକର କହିଛନ୍ତି ଯେ ବର୍ତ୍ତମାନ ସମୟରେ ଦେଶବାସୀ ଯଦି ଏକଜୁଟ୍ ନହେବେ ତେବେ ଦେଶ ଆହୁରି ବିପଦରେ ପଡିବ। ଆଗାମୀ ଦିନରେ ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନ କରିବା ଲାଗି ଯୋଜନା କରାଯାଉଛି। ଦେଶରେ ସାଧାରଣ ନିର୍ବାଚନ କରିବା ସମ୍ପର୍କରେ ସେ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍ଙ୍କ ସହିତ ଆଲୋଚନା କରିଛନ୍ତି। ସମ୍ଭବତଃ ଆଗାମୀ ଡିସେମ୍ବର କିମ୍ବା ଏହା ପୂର୍ବରୁ ଦେଶରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ଅନୁଷ୍ଠିତ ହୋଇ ସ୍ଥିର ସରକାର ଗଠନ ପର୍ଯ୍ୟନ୍ତ ଦେଶବାସୀ ଏକଜୁଟ୍ ରହିବା ଦରକାର ବୋଲି ସେନାମୁଖ୍ୟ କହିଛନ୍ତି। ଶେଖ ହସିନା ସରକାରର ପତନ ପରେ ୱାକର ଜମାନ ବାଂଲାଦେଶର ସେନାମୁଖ୍ୟ ହୋଇଥିଲେ। ବାଂଲାଦେଶ ସେନାକୁ ଏବେ ପୁଲିସ ଭଳି ନ୍ୟାୟିକ କ୍ଷମତା ପ୍ରଦାନ କରାଯାଇଛି। ତେଣୁ ସେନା ଏବେ ବିଭିନ୍ନ ଅପରାଧ ଓ ହିଂସା ମାମଲାରେ ଜଡିତ ଅଭିଯୁକ୍ତଙ୍କୁ ଗିରଫ କରିବା ଭଳି ପଦକ୍ଷେପ ନେଉଛି। ନିର୍ବାଚନ ପୂର୍ବରୁ ନିଜର ଦଳ ଗଠନ କରିବା ଲାଗି ୟୁନୁସ୍ ସରକାରରେ ସୂଚନା ପ୍ରସାରଣ ପରାମର୍ଶଦାତା ଥିବା ନହିଦ ଇସଲାମ ଇସ୍ତଫା ଦେଇଛନ୍ତି। ନହିଦ ଇସଲାମ ହେଉଛନ୍ତି ପ୍ରମୁଖ ଛାତ୍ର ନେତା ଯିଏକି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ହୋଇଥିବା ଛାତ୍ର ଆନ୍ଦୋଳନ ନେତୃତ୍ୱ ନେଇଥିଲେ। ଫେବୃଆରୀ ୨୮ରେ ନହିଦ ତାଙ୍କ ରାଜନୈତିକ ଦଳ ଗଠନ କରିବେ ବୋଲି ଘୋଷଣା କରିଛନ୍ତି।

**ଦେଶରେ ଭୟ ବଢ଼ାଉଛି କର୍କଟ**

# ବର୍ଷକୁ ୨% ବୃଦ୍ଧି ପାଇବ ମୃତ୍ୟୁସଂଖ୍ୟା

**ନୂଆଦିଲ୍ଲୀ :** ଭାରତରେ ପ୍ରତି ପାଞ୍ଚ ଜଣ କର୍କଟ ରୋଗୀଙ୍କ ମଧ୍ୟରୁ ତିନି ଜଣ ଅକାଳ ମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର)ର ବୈଜ୍ଞାନିକମାନେ ଅନ୍ତର୍ଜାତୀୟ ମେଡିକାଲ୍ ଜର୍ଣ୍ଣାଲ୍ ଦ ଲାନସେଟ୍ ରିଜିଓନାଲ୍ ହେଲ୍ଥ ସାଉଥ୍ ଇଷ୍ଟ ଏସିଆରେ ପ୍ରକାଶିତ ଏକ ଅଧ୍ୟୟନ ରିପୋର୍ଟରେ ଏହି ଦାବି କରିଛନ୍ତି। ବୈଜ୍ଞାନିକମାନେ କହିଛନ୍ତି ଯେ ଲିଙ୍ଗ ଏବଂ ବୟସ ଆଧାରରେ କ୍ୟାନ୍ସର ପରିଣାମକୁ ନେଇ ଏହା ପ୍ରଥମ ବ୍ୟାପକ ବିଶ୍ଳେଷଣ। ଏଥିରେ କ୍ୟାନ୍ସର ରୋଗୀଙ୍କ ଅକାଳ ମୃତ୍ୟୁ ହାର ୬୪.୮ ପ୍ରତିଶତ ପର୍ଯ୍ୟନ୍ତ ରହିଥିବା ଜଣାପଡ଼ିଛି। ଗ୍ଲୋବାଲ୍ କ୍ୟାନ୍ସର ଅବଜରଭେଟୋରୀ ମାନଦଣ୍ଡ ରିପୋର୍ଟ ସହଯୋଗରେ ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ ଭାରତରେ ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ ମଧ୍ୟରେ କ୍ୟାନ୍ସର ଜନିତ ମୃତ୍ୟୁ




ଚିନ୍ତାଜନକ ହାରରେ ବୃଦ୍ଧି ପାଉଛି। ଯାହା ପ୍ରତିବର୍ଷ ୧.୨ରୁ ୪ ପ୍ରତିଶତ ମଧ୍ୟରେ ରହିଛି। ଭାରତରେ କର୍କଟ ରୋଗର ଉଚ୍ଚ ମୃତ୍ୟୁ ହାର ପାଇଁ ଅନେକ କାରଣ ଦାୟୀ, ଯେଉଁଥିରେ ବିଳମ୍ବରେ ରୋଗ ଚିହ୍ନଟ ଏବଂ ସମୟୋଚିତ ଏବଂ ଉପଯୁକ୍ତ ଚିକିତ୍ସା ମିଳିବାର ଥିବା ଆହ୍ୱାନ ସାମିଲ ରହିଛି। ଗ୍ଲୋବାଲ୍ କ୍ୟାନ୍ସର ଅବଜରଭେଟରୀର ତଥ୍ୟ ଅନୁଯାୟୀ, ଭାରତରେ କର୍କଟ ରୋଗରେ ଅକାଳ ମୃତ୍ୟୁ ସଂଖ୍ୟା ୨୦୦୦ ମସିହାରେ ୪.୯ ଲକ୍ଷ ଥିଲା, ଯାହା ୨୦୨୨ରେ ବଢି ୯.୧୭ ଲକ୍ଷ ହୋଇଛି। ଅଧ୍ୟୟନରେ ବୈଜ୍ଞାନିକମାନେ କହିଛନ୍ତି ଯେ ଭାରତୀୟ ମହିଳାମାନେ ସ୍ତନ କର୍କଟ ଦ୍ୱାରା ସର୍ବାଧିକ ପ୍ରଭାବିତ। ଏହା ମହିଳାଙ୍କୁ ହେଉଥିବା ସବୁ କ୍ୟାନ୍ସର ୧୩.୮%। ଏହା ପରେ ମୁଖ (୧୦.୩ ପ୍ରତିଶତ), ସର୍ଭାଇକାଲ୍ (୯.୨ ପ୍ରତିଶତ), ଶ୍ୱାସନ (୫.୮ ପ୍ରତିଶତ), ଖାଦ୍ୟନଳୀ (୫ ପ୍ରତିଶତ) ଏବଂ କୋଲୋରେକ୍ଟାଲ୍ (୫ ପ୍ରତିଶତ) ରହିଛି। ସେହିପରି ପୁରୁଷମାନଙ୍କ ମଧ୍ୟରେ ମୁଖ କର୍କଟ ସର୍ବାଧିକ ଦେଖାଯାଏ, ଯାହା ସମସ୍ତ ମାମଲାର ୧୫.୬ ପ୍ରତିଶତ ଅଟେ। ଏହା ପରେ ଶ୍ୱାସନ (୮.୫ ପ୍ରତିଶତ), ଖାଦ୍ୟନଳୀ (୬.୬ ପ୍ରତିଶତ) ଏବଂ କୋଲୋରେକ୍ଟାଲ୍ (୬.୩ ପ୍ରତିଶତ) ରହିଛି। ଏହି ଅଧ୍ୟୟନରେ ଫୁସଫୁସ, ବ୍ରାଙ୍କାଇ ଏବଂ ଶ୍ୱାସନଳୀର କର୍କଟକୁ ଶ୍ୱାସନ କ୍ୟାନ୍ସର ଭାବରେ ବର୍ଗୀକୃତ କରାଯାଇଛି। ଶ୍ୱାସକ୍ରିୟା ଏବଂ ଖାଦ୍ୟନଳୀ କ୍ୟାନ୍ସର ରୋଗରେ ମୃତ୍ୟୁହାର ପ୍ରତି ୧୦୦ ଜଣରେ ପ୍ରାୟ ୯୩ ପ୍ରତିଶତ ସହ ଅସାଧାରଣ ଭାବରେ ଅଧିକ ରହିଛି।

**୯୦% ଭାରତୀୟଙ୍କ ଶରୀରରେ ଲୁଚି ରହିଛି ବିପଜ୍ଜନକ ଭାଇରସ୍**

# ଜାଣିନାହାନ୍ତି ୫୬ ପ୍ରତିଶତ ଲୋକ

**ନୂଆଦିଲ୍ଲୀ :** ଆମ ମଧ୍ୟରୁ ଅଧିକାଂଶ ଲୋକ ଜାଣନ୍ତି ନାହିଁ ଯେ, ଆମ ଶରୀରରେ ଏକ ଭାଇରସ ଲୁଚି ରହିଛି, ଯାହା ବୟସ ବୃଦ୍ଧି ସହିତ ଏକ ବିପଜ୍ଜନକ ରୂପ ନେଇପାରେ। ଏକ ସଦ୍ୟତମ ସର୍ଭେ ଅନୁଯାୟୀ, ଏହି ଭାଇରସ ୫୦ ବର୍ଷ ଏବଂ ତା'ଠାରୁ ଅଧିକ ବୟସର ୯୦ ପ୍ରତିଶତ ଭାରତୀୟଙ୍କ ଶରୀରରେ ରହିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ୫୬.୬ ପ୍ରତିଶତ ଲୋକଙ୍କ ପାଖରେ ଏହା ବିଷୟରେ କୌଣସି ସୂଚନା ନାହିଁ। ଏହି ଭାଇରସ୍ ହେଉଛି ଭାରିସେଲା-ଜୋଷ୍ଟର। ଯାହା ପିଲାଦିନେ ହାଡ଼ଫୁଟି (ଚିକେନପକ୍ସ) ସୃଷ୍ଟି କରିଥିବାବେଳେ ପରବର୍ତ୍ତୀ ସମୟରେ ଶରୀରରେ ନିଷ୍କ୍ରିୟ ଅବସ୍ଥାରେ ରହିଥାଏ। ଭାରିସେଲା-ଜୋଷ୍ଟର ଭାଇରସ (ଭିଜେଡଭି) ହେଉଛି ସମାନ ଭାଇରସ ଯାହା ପିଲାମାନଙ୍କଠାରେ ଚିକେନପକ୍ସ ସୃଷ୍ଟି କରିଥାଏ। ଏହି ଭାଇରସ ଆମ ଶରୀରର ସ୍ନାୟୁ ପ୍ରଣାଳୀରେ ସୁପ୍ତ ଅବସ୍ଥାରେ ରହିଥାଏ, କିନ୍ତୁ ବୟସ ବୃଦ୍ଧି ଏବଂ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବା ସହିତ ଏହା ପୁଣି ସକ୍ରିୟ ହୋଇପାରେ। ଏହି କାରଣରୁ, ଶିଙ୍ଗଲ୍ସ ନାମକ ଏକ ରୋଗ ହୋଇଥାଏ, ଯାହା ବହୁତ ଯନ୍ତ୍ରଣାଦାୟକ ହୋଇଥାଏ। ଶିଙ୍ଗଲ୍ସ ଏକ ଚର୍ମ ରୋଗ ଯାହା ଶରୀରରେ ଲାଲ ରଙ୍ଗର ଫୋଟକା ସୃଷ୍ଟି କରିଥାଏ। କିନ୍ତୁ ଏହା କେବଳ ଚର୍ମ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏହା ତୀବ୍ର ଜଳାପୋଡ଼ା, ଝିମ୍ଝିମ୍ ଅନୁଭବ ଇତ୍ୟାଦି ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। କେତେକ କ୍ଷେତ୍ରରେ, ଏହି ରୋଗ ଦୀର୍ଘକାଳୀନ ପୋଷ୍ଟ-ହର୍ପେଟିକ୍ ନ୍ୟୁରାଲଜିଆ (ପିଏଚ୍ଏନ୍)ର ରୂପ ନେବାର



ଆଶଙ୍କା ରହିଥାଏ। କିଛି ଗମ୍ଭୀର କ୍ଷେତ୍ରରେ, ଭାଇରସ ଆଖିକୁ ବ୍ୟାପିପାରେ। ଯାହା ଯୋଗୁ ଦୃଷ୍ଟିଶକ୍ତି ହରାଇବାର ଭୟ ରହିଥାଏ। ଏହା ସହିତତ, ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ, ଶିଙ୍ଗଲ୍ସରେ ପୀଡିତ ଲୋକଙ୍କଠାରେ ହୃଦ୍ଘାତ ଏବଂ ଷ୍ଟ୍ରୋକର ଆଶଙ୍କା ଅଧିକ ରହିଥାଏ। ଏନେଇ ଭାରତୀୟମାନଙ୍କ ମଧ୍ୟରେ ସଚେତନତାର ଏକ ବଡ଼ ଅଭାବ ରହିଛି। ଔଷଧ କମ୍ପାନୀ ଜିଏସକେ ଦ୍ୱାରା କରାଯାଇଥିବା ଏକ ବିଶ୍ୱସ୍ତରୀୟ ସର୍ଭେରୁ ଜଣାପଡିଛି ଯେ, ୫୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ୫୬.୬ ପ୍ରତିଶତ ଭାରତୀୟ ଶିଙ୍ଗଲ୍ସ ବିଷୟରେ ଅଜ୍ଞ। ଏହି ଅଧ୍ୟୟନରେ ନଅଟି ଦେଶର ୮,୪୦୦ ବୟସ୍କଙ୍କୁ ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲା, ଯେଉଁଥିରେ ୫୦୦ ଭାରତୀୟ ଅଂଶଗ୍ରହଣକାରୀ ଥିଲେ। ବିଶେଷଜ୍ଞଙ୍କ ମତରେ, ଏହି ରୋଗକୁ ରୋକିବା ପାଇଁ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ସର୍ବୋତ୍ତମ ଉପାୟ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସଠିକ୍ ଜୀବନଶୈଳୀ ଏବଂ ଡାକ୍ତରଙ୍କ ପରାମର୍ଶ ବହୁତ ଗୁରୁତ୍ୱପୂର୍ଣ୍ଣ। ଶିଙ୍ଗଲ୍ସକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର ଟିକା ଉପଲବ୍ଧ, ଯାହା ୫୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ନେବାକୁ ପରାମର୍ଶ ଦିଆଯାଇଥାଏ। ବୟସ ବୃଦ୍ଧି ସତ୍ତ୍ୱେ ଭାରତୀୟଙ୍କ ଆତ୍ମବିଶ୍ୱାସ ଦୃଢ଼ ରହିଛି ବୋଲି ସର୍ଭେରୁ ଜଣାପଡ଼ିଛି। ଯଦିଓ ଶିଙ୍ଗଲ୍ସ ବିଷୟରେ ସଚେତନତା କମ୍ ହୋଇପାରେ, ଏହି ସର୍ଭେରେ ଏକ ଆକର୍ଷଣୀୟ କଥା ବାହାରି ଆସିଛି ଯେ, ୫୫.୭ ପ୍ରତିଶତ ଭାରତୀୟ ଅଂଶଗ୍ରହଣକାରୀ କହିଛନ୍ତି ଯେ, ସେମାନେ ସେମାନଙ୍କର ପ୍ରକୃତ ବୟସ ଅପେକ୍ଷା ନିଜକୁ କମ୍ ବୟସର ଅନୁଭବ କରୁଛନ୍ତି। ୨୪ ପ୍ରତିଶତ ଲୋକ ଏପରି ମଧ୍ୟ କହିଥିଲେ ଯେ, ସେମାନେ ଅତି କମରେ ୧୦ ବର୍ଷ ଛୋଟ ଅନୁଭବ କରୁଛନ୍ତି। ତଥାପି, ବାସ୍ତବତା ହେଉଛି ଯେ, ବୟସ ବଢ଼ିବା ସହିତ ରୋଗକୁ ରୋକିବା ପାଇଁ କେବଳ ୨୫ ପ୍ରତିଶତ ଭାରତୀୟ କୌଣସି ପଦକ୍ଷେପ ଗ୍ରହଣ କରିଥାନ୍ତି।

## ଗୋଟିଏ ଦିନରେ ୪ ନିଯୁକ୍ତି ପରୀକ୍ଷା

# ଦୋଛକିରେ ପରୀକ୍ଷାର୍ଥୀ



**ଭୁବନେଶ୍ୱର :** ଗୋଟିଏ ଦିନରେ ରହିଛି ଏକାଧିକ ନିଯୁକ୍ତି ପରୀକ୍ଷା। ପରୀକ୍ଷାର୍ଥୀ କେଉଁ ପରୀକ୍ଷା ଦେବେ ସେନେଇ ସନ୍ଦିହାନ ଅଛନ୍ତି। ଦୀର୍ଘ ଦିନରୁ ଅନବରତ ପରିଶ୍ରମ କରୁଥିଲେ ବି ସବୁ ପାଣିରେ ପଡ଼ିଛି। ଫଳରେ ଚାକିରି ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏପରି ସ୍ଥିତି ଉପୁଜିଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଆସନ୍ତା ୮ ଓ ୯ ତାରିଖରେ ପ୍ରାୟ ୪ଟି ନିଯୁକ୍ତି ପରୀକ୍ଷା ରହିଛି। ତନ୍ମଧ୍ୟରେ ଆର୍ପିଏଫ୍ କନେଷ୍ଟବଲ୍ ନିଯୁକ୍ତି ପାଇଁ ୨ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଗତ ୨୬ ତାରିଖରେ ଆଡମିଟ୍ କାର୍ଡ ମଧ୍ୟ ପ୍ରକାଶ ପାଇସାରିଛି। ସେହିପରି ଷ୍ଟେଟ୍ ବ୍ୟାଙ୍କ ପିଇଓ ପରୀକ୍ଷା ମଧ୍ୟ ଆସନ୍ତା ୮ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ଆଡମିଟ୍ କାର୍ଡ ମଧ୍ୟ ଗୁରୁବାର ପ୍ରକାଶ ପାଇଛି। ଅନୁରୂପ ଭାବେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ପକ୍ଷରୁ ଆସିଷ୍ଟାଣ୍ଟ ଏଗ୍ରିକଲଚର୍ ଅଫିସର୍ (ଏଏଓ) ପରୀକ୍ଷା ମଧ୍ୟ ଆସନ୍ତା ୯ ତାରିଖରେ ରହିଛି। ଏହି ତିନୋଟି ପରୀକ୍ଷା ବ୍ୟତୀତ ଓଡ଼ିଶା ପୁଲିସ୍ ସବ୍-ଇନିସ୍ପେକ୍ଟର (ଏସ୍ଆଇ) ପରୀକ୍ଷା ମଧ୍ୟ ସମାନ ସମୟରେ କରିବାକୁ ନିର୍ଦ୍ଧାରିତ ହୋଇଛି। ଗତ ୨୫ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୮ ଓ ୯ ତାରିଖରେ ପରୀକ୍ଷା କରିବାକୁ ଦର୍ଶାଯାଇଛି। ଯେଉଁ ପିଲା ଶାରୀରିକ ପ୍ରସ୍ତୁତି କରୁଛି ସେହି ପିଲା ଆର୍ପିଏଫ୍ ବା ଏସ୍ଆଇ ପରୀକ୍ଷା ମଧ୍ୟରୁ ଗୋଟିଏ ଦେବ ଓ ଆଉ ଗୋଟିଏ ପରୀକ୍ଷାରୁ ବଞ୍ଚିତ ହେବ। ସେହିପରି ଏଏଓ ପରୀକ୍ଷା ପରି ଏସ୍ଆଇ ପରୀକ୍ଷା ପାଇଁ ଯୋଗ୍ୟତା ଓ ଅନ୍ୟ ମାନଦଣ୍ଡ ପ୍ରାୟ ସମାନ ଥିବାରୁ ପ୍ରାୟ ସମାନ ପିଲା ଉଭୟ ପଦ ପାଇଁ ଆବେଦନ କରିଛନ୍ତି। ଏପରପକ୍ଷରେ ଏସ୍ଆଇ ଆଡମିଟ୍ କାର୍ଡ ପ୍ରକାଶ ପାଇ ନଥିବାରୁ ଏହାକୁ ଘୁଞ୍ଚାଇବାକୁ ଆଶାୟୀମାନେ ସାମାଜିକ ଗଣମାଧ୍ୟମରେ ଦାବି କରିଛନ୍ତି।

# ସିବିଏସ୍ଇ ଦଶମରେ ଦୁଇଟି ବୋର୍ଡ ପରୀକ୍ଷା ନେଇ ବଢ଼ିଲା ଦ୍ୱନ୍ଦ୍ୱ

**ଭୁବନେଶ୍ୱର :** ୨୦୨୫-୨୬ ଶିକ୍ଷା ବର୍ଷରୁ ସିବିଏସ୍ଇ ବର୍ଷକୁ ୨ଟି ଦଶମ ବୋର୍ଡ ପରୀକ୍ଷା କରିବାକୁ ଯାଉଛି। ପ୍ରଥମ ପରୀକ୍ଷା ଫେବୃଆରୀ ଓ ଦ୍ୱିତୀୟ ମେ' ମାସରେ ହେବ। ଯିଏ ଅଧିକ ଭଲ କରିବାକୁ ଚାହୁଁଥିବେ ସେମାନେ ପ୍ରଥମ ସହ ଦ୍ୱିତୀୟ ପରୀକ୍ଷା ବି ଦେଇପାଇବେ। ହେଲେ ପ୍ରଥମ ପରୀକ୍ଷା ବାଧ୍ୟତାମୂଳକ। ମତାମତ ମାର୍ଚ୍ଚ ୯ସୁଦ୍ଧା ଦେବାକୁ ଅଭିଭାବକ, ଶିକ୍ଷାବିତଙ୍କ ସହ ଅନେକ ଅଂଶୀଦାରଙ୍କ ପାଇଁ ସିବିଏସଇ ୱେବସାଇଟରେ ବ୍ୟବସ୍ଥା କରାଯାଇଛି। ହେଲେ ମତାମତ ଆସିବା ପୂର୍ବରୁ ହିଁ ଦ୍ୱନ୍ଦ୍ୱ ଓ ଅସନ୍ତୋଷ ଦେଖା ଦେଲାଣି। ଗୋଟିଏ ପଟେ ଛାତ୍ରଛାତ୍ରୀ ଦୁଇଟି ପରୀକ୍ଷାକୁ ନେଇ ଖୁସି ଅନୁଭବ କରୁଛନ୍ତି। ହେଲେ ଦୁଇଟି ପରୀକ୍ଷାର ଚାପ ବି ମନରେ ରହିଛି। ଏକାଦଶ ପାଠପଢ଼ା ସହ କ୍ରାସ୍ କୋର୍ସ ପ୍ରସ୍ତୁତିରେ ଅସୁବିଧା ଆଶଙ୍କା ରହିଛି। କାରଣ ଦ୍ୱିତୀୟ ପରୀକ୍ଷା ଯେଉଁ ସମୟରେ ଦେବେ, ସେହି ସମୟରେ ଜେଇଇ, ମେଡିକାଲ ପରି ପାଠ୍ୟକ୍ରମର ଅଗ୍ରୀମ କୋଚିଂ ଆରମ୍ଭ କରିଥାନ୍ତି। ଡବଲ ବୋର୍ଡ ପରୀକ୍ଷାରେ ଭିତ୍ତିଭୂମି ମଧ୍ୟ ଏକ ପ୍ରମୁଖ ଦିଗ ବହନ କରିବ। ପ୍ରଥମ ବୋର୍ଡ ପରୀକ୍ଷା ସହ ଅନ୍ୟ କ୍ଲାସ ପ୍ରମୋସନ ପରୀକ୍ଷାର ଖାତା ଦେଖାରେ ଶିକ୍ଷକ ବ୍ୟସ୍ତ ଥିବେ। ପୁଣି ଦ୍ୱିତୀୟ ପରୀକ୍ଷାର ଖାତା ଦେଖା ସମୟରେ ଏକାଦଶ ପାଠପଢ଼ା ପ୍ରଭାବିତ ହୋଇପାରେ। ଅଡୁଆ ସେତେବେଳେ ବଢ଼ିବ, ଯେବେ



ଆଇସିଏସଇ ଓ ଷ୍ଟେଟ ବୋର୍ଡ ଗୁଡ଼ିକରୁ ନିଷ୍ପତ୍ତି ମଗାଯିବ। ସେମାନେ ପିଲାମାନଙ୍କୁ ଡବଲ ପରୀକ୍ଷାର ଆଉ ଏକ ସୁଯୋଗ ଦେବେ ତ? ନା ସିବିଏସଇକୁ ଆଗରେ ରଖି କେନ୍ଦ୍ର ଶିକ୍ଷା ବିଭାଗ ନିଷ୍ପତ୍ତି ନେବ? ବେଷ୍ଟ ଅଫ୍ ୱାନର ରେଜଲ୍ଟ ପ୍ରକାଶ ପାଇବ ନା ପରୀକ୍ଷାକୁ ସପ୍ଲିମେଣ୍ଟାରୀ ଢାଞ୍ଚାରେ ବିବେଚନା କରାଯିବ? ଏତେ ସବୁ ପ୍ରଶ୍ନ ଭିତରେ ଏବେ ଘାଣ୍ଟି ହେଉଛି ସିବିଏସଇର ନୂଆ ନିୟମ। ସେପଟେ କେନ୍ଦ୍ରକୁ ତୀବ୍ର ଭର୍ତ୍ସନା କରିଛନ୍ତି ଅଭିଭାବକ ଓ ଶିକ୍ଷାବିତ। ସରକାର ଦୁଇ ପ୍ରକାର କଥା କହି ପାରିବେନି। ପ୍ରଥମେ ଜାତୀୟ ଶିକ୍ଷା ନୀତି ୨୦୨୦ ରେ କହିଲେ ବୋର୍ଡ ପରୀକ୍ଷା ଦ୍ୱାଦଶ ଶ୍ରେଣୀରେ ହେବ। ଏବେ ଦଶମରେ ଦୁଇଟି ବୋର୍ଡ ପରୀକ୍ଷାର ଅର୍ଥ କଣ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ପ୍ରଶ୍ନ କରିଛି। ସେହିପରି ଶିକ୍ଷାବିତମାନେ ସିବିଏସଇ ଓ କେନ୍ଦ୍ର ସରକାରଙ୍କ ବ୍ୟବସାୟିକ ଦିଗ ଆଡ଼କୁ ଇସାରା କରିଛନ୍ତି। ଯେତେ ଥର ପରୀକ୍ଷା ହେବ, ସେତେ ଥର ଫର୍ମ ଫିଲ ଅପ୍ ହେବ। ବାରମ୍ବାର ଫର୍ମ ଫିଲ ଉପରେ ଟଙ୍କା ଖର୍ଚ୍ଚ ହେବ। ସରକାରଙ୍କ ଏହା ଏକ ବ୍ୟୟ ବହୁଳ ନିଷ୍ପତ୍ତି ବୋଲି ଶିକ୍ଷାବିତ ମହଲରେ ଅଭିଯୋଗ ହୋଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ଆଞ୍ଚଳିକ ଭାଷାରେ ପରୀକ୍ଷା ଦେବାର ନିୟମ ରହିଛି। ହେଲେ ଉର୍ଦ୍ଦୁ, ବଙ୍ଗଳା, ତାମିଲ, ତେଲଗୁ, ଗୁଜୁରାଟି ଓ ମଣିପୁରୀ ପରି ଆଞ୍ଚଳିକ ଭାଷାରେ ପରୀକ୍ଷା ଦେବାକୁ ସିବିଏସଇ ଚିଠା ଯୋଜନାରେ ସ୍ଥାନ ମିଳିଥିବାବେଳେ ଓଡ଼ିଆକୁ ଏଥିରୁ ବାଦ୍ ଦିଆଯାଇଥିଲା। ହେଲେ ବିଭିନ୍ନ ମହଲରୁ ଓଡ଼ିଆ ଅସ୍ମିତା ନେଇ ନିନ୍ଦା ଆସିବା ପରେ ଚିଠା ଯୋଜନାକୁ ପୁଣି ସଂଶୋଧନ କରି ଓଡ଼ିଆ ଭାଷାକୁ ସାମିଲ କରାଗଲା।

## ବିଭିନ୍ନ ବିଭାଗର ଖର୍ଚ୍ଚ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଖର୍ଚ୍ଚ ପରିମାଣ ଅନ୍ୟୁନ ୮୫% କରିବାକୁ ପରାମର୍ଶ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବିଭିନ୍ନ ବିଭାଗର ଖର୍ଚ୍ଚ ସମୀକ୍ଷା କରି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା (୨୦୨୪-୨୫) ସମୁଦାୟ ଖର୍ଚ୍ଚ ପରିମାଣ ଅନ୍ୟୁନ ୮୫ ପ୍ରତିଶତ କରିବାକୁ ପରାମର୍ଶ ଦେଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ସମୁଦାୟ ଖର୍ଚ୍ଚ ପରିମାଣ ମୋଟ ବଜେଟର ୮୧ ପ୍ରତିଶତ ଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚଳିତ ବର୍ଷ ନିର୍ବାଚନ, ନୂଆ ସରକାରଙ୍କ ଦାୟିତ୍ୱ ଗ୍ରହଣ ଏବଂ ସଂପୂର୍ଣ୍ଣ ବଜେଟ ସେପ୍ଟେମ୍ବର ମାସରେ ହୋଇଥିବାରୁ ଖର୍ଚ୍ଚ ହେବାରେ ସମସ୍ୟା ରହିଥିଲା। ସେ ଦୃଷ୍ଟିରୁ ବର୍ତ୍ତମାନ ସୁଦ୍ଧା ଅନେକ ବିଭାଗର ଖର୍ଚ୍ଚ ପରିମାଣ ସନ୍ତୋଷଜନକ ରହିଛି। ତେବେ ଆଉ ଯେଉଁ ଗୋଟିଏ ମାସ ସମୟ ରହିଲା, ତାକୁ ସଂପୂର୍ଣ୍ଣ ଉପଯୋଗ କରି ବଜେଟର ଅନ୍ୟୁନ ୮୫ ପ୍ରତିଶତ ଖର୍ଚ୍ଚ କରିବାକୁ ସେ କହିଥିଲେ। ମନ୍ତ୍ରୀ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ବିଭାଗୀୟ ମନ୍ତ୍ରୀ ମାନେ ଯେଉଁସବୁ ଖର୍ଚ୍ଚ ପ୍ରସ୍ତାବ ଅଛି, ତାକୁ ତୁରନ୍ତ ଅନୁଧ୍ୟାନ କରି ଆବଶ୍ୟକ



ଅନୁମୋଦନ କରିବା ଉଚିତ। ବିଭିନ୍ନ କଲ୍ୟାଣ ଯୋଜନାରେ ଯେଉଁସବୁ ଦେୟ ପ୍ରଦାନ ବାକି ରହିଛି, ସେଗୁଡ଼ିକୁ ମଧ୍ୟ ନିୟମାନୁଯାୟୀ ତୁରନ୍ତ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ବ୍ୟୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ରୋଜଗାର ସୃଷ୍ଟି ହୁଏ ଓ ଅଭିବୃଦ୍ଧିରେ ଉନ୍ନତି ଆସେ। ଓଡିଶା ନିଜ ଘରୋଇ ଉତ୍ପାଦ (ଜିଏସଡିପି)ର ୬.୧ ପ୍ରତିଶତ ପୁଞ୍ଜି ବ୍ୟୟ ବରାଦ କରିଛି। ସାରା ଦେଶରେ ଏହା ସବୁଠାରୁ ଅଧିକ। ଆମର ଲକ୍ଷ୍ୟ ହେଉଛି, କୃଷିଭିତ୍ତିକ ଅର୍ଥନୀତି ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି କରିବା। ଏଥିପାଇଁ ଭିତ୍ତିଭୂମିର ବ୍ୟାପକ ବିକାଶ ଆବଶ୍ୟକ। ତେଣୁ ଏ କ୍ଷେତ୍ରରେ ମଧ୍ୟ ବ୍ୟାପକ ବିନିଯୋଗ ହେବା ଜରୁରୀ। ଲୋକଙ୍କ ସରକାର, ଲୋକଙ୍କ ବଜେଟ ପ୍ରସ୍ତୁତ କରିଛି। ଏସବୁ ଲୋକଙ୍କ ପାଇଁ ଯେପରି ଖର୍ଚ୍ଚ ହେବ, ସେଥିପାଇଁ ପ୍ରଶାସନ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ବୈଠକରୁ ଜଣାପଡ଼ିଥିଲା ଯେ କୃଷି, ମତ୍ସ୍ୟ ଓ ପ୍ରାଣୀସଂପଦ, ସ୍ୱାସ୍ଥ୍ୟ, ଜଳସଂପଦ, ପୂର୍ତ୍ତ, ଭିନ୍ନକ୍ଷମ ଓ ସାମାଜିକ ନ୍ୟାୟ ବିଭାଗ, ଯୋଗାଣ ବିଭାଗ ଏବଂ ସମବାୟ ବିଭାଗ ଆଦି ବିଭାଗ ଗୁଡିକର ଖର୍ଚ୍ଚ ଅପେକ୍ଷାକୃତ ଭଲ ରହିଛି। ଅନ୍ୟ ବିଭାଗ ଗୁଡିକ ମଧ୍ୟ ଖର୍ଚ୍ଚ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ସମୀକ୍ଷାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ଶାସନ ସଚିବ ମାନେ ଉପସ୍ଥିତ ଥିଲେ। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ବିଭିନ୍ନ ବିଭାଗର ଖର୍ଚ୍ଚ ସଂପର୍କରେ ଉପସ୍ଥାପନା ରଖିଥିଲେ।

## ମହିଳାଙ୍କ ପାଇଁ ପବିତ୍ରତା ଅମୂଲ୍ୟ ମର୍ଯ୍ୟାଦା : ହାଇକୋର୍ଟ

**କଟକ :** ଜଣେ ମହିଳାଙ୍କ ପାଇଁ ପବିତ୍ରତା ହେଉଛି ଏକ ଅମୂଲ୍ୟ ମର୍ଯ୍ୟାଦା। ଏଣୁ ପତ୍ନୀଙ୍କ ବିରୋଧରେ ଯଦି ସ୍ୱାମୀ ବିନା ପ୍ରାମାଣିକ ତଥ୍ୟରେ ତାଙ୍କ ପବିତ୍ରତା ଉପରେ ଆପତ୍ତି ଉଠାଏ ଓ ବ୍ୟଭିଚାର ଅଭିଯୋଗ ଆଣେ; ସେଭଳି ସ୍ୱାମୀଙ୍କ ସହିତ ରହିବା ପାଇଁ ପତ୍ନୀ ମନା କରିବା ସ୍ୱାଭାବିକ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ପରିବାର ଅଦାଲତର ଭରଣପୋଷଣ ନିର୍ଦ୍ଦେଶ ବିରୋଧରେ ଦାୟର ଏକ ମାମଲାର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ପ୍ରକାଶ ଯେ ପତ୍ନୀଙ୍କୁ ମାସିକ ୪ ହଜାର ଟଙ୍କା ଭରଣପୋଷଣ ଦେବାକୁ ନୟାଗଡ଼ ପରିବାର ଅଦାଲତ ପ୍ରଦାନ କରିଥିବା ୨୦୨୪, ସେପ୍ଟେମ୍ବର ୪ର ନିର୍ଦ୍ଦେଶକୁ ଚାଲେଞ୍ଜ କରି ସ୍ୱାମୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ପତ୍ନୀଙ୍କ ବିରୋଧରେ ଚରିତ୍ରକୁ ନେଇ କୁତ୍ସାରଟନା ଅଭିଯୋଗକୁ ସ୍ୱାମୀ ପ୍ରମାଣିତ କରି ନ ପାରିବା କାରଣ ହିଁ ପତ୍ନୀଙ୍କୁ ଅଲଗା ରହିବା ଯଥେଷ୍ଟ ବୋଲି ହାଇକୋର୍ଟ କହିଛନ୍ତି। ପତ୍ନୀଙ୍କ କିଛି ଆୟ ନାହିଁ ଓ ସେ ନିଜ ଭରଣପୋଷଣ କରିବାରେ ଅସମର୍ଥ ବୋଲି ପ୍ରମାଣିତ ହେବା ପରେ ତାଙ୍କ ଭାରଣପୋଷଣ ଦାୟିତ୍ୱ ସ୍ୱାମୀଙ୍କ କର୍ତ୍ତବ୍ୟ। ଏଭଳି ସ୍ଥିତିରେ ସ୍ୱାମୀଙ୍କ ମାସିକ ଆୟ ପ୍ରାୟ ୧୫ ହଜାର ଟଙ୍କା ହୋଇଥିବା ବେଳେ ପତ୍ନୀଙ୍କୁ ମାସିକ ୪ ହଜାର ଟଙ୍କା ପ୍ରଦାନ ପାଇଁ ପରିବାର ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ପରିବାର ଅଦାଲତଙ୍କ ନିର୍ଦ୍ଦେଶ ବିରୋଧରେ ସ୍ୱାମୀ ଦାୟର କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି।

## ବାଲି ମାଫିଆଙ୍କୁ ଚେତାବନୀ

# ଅମାନିଆ ହେଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ରାଜ୍ୟରେ ବାଲି ମାଫିଆମାନେ ମାତିଛନ୍ତି। ସରକାରୀ ସଂପତ୍ତି ଲୁଟ୍ କରି ମାଫିଆମାନେ ବ୍ୟକ୍ତିଗତ ଭାବେ ଲାଭବାନ ହେଉଛନ୍ତି। ଏମାନଙ୍କ ଉପରେ ସରକାର ନଜର ରଖିଛନ୍ତି। ତେଣୁ ବାଲି ମାଫିଆମାନେ ସାବଧାନ ହେବା ଦରକାର। ବାଲି ଚୋରଙ୍କୁ ଏଣିକି ଛଡା ଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ବାଲି ମାଫିଆମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇସାରିଛି। ଏଣିକି ବାଲି ଚୋରା ଚାଲାଣ ରୋକିବାକୁ ନୂଆ ଆଇନ ଅଣା ଯିବା ସହ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯିବ। ଆଗରୁ ବାଲି ଖାଦାନ ରାଜସ୍ୱ ବିଭାଗ ଅଧୀନରେ ଆସୁଥିଲା। ପୂର୍ବ ସରକାର ଏହାକୁ ମାଇନ୍ସ ବିଭାଗକୁ ଆଣିଲେ। ରାଜ୍ୟ ସରକାର ଏବେ ମାଇନ୍ସ ବିଭାଗରେ କର୍ମଚାରୀ ଅଭାବକୁ ଦୂର କରିବା ସହ ନୂଆ ଇନ୍ଫ୍ରାଷ୍ଟ୍ରକଚର ତିଆରି ପାଇଁ ଲାଗିଛନ୍ତି। ରାଜସ୍ୱ ମନ୍ତ୍ରୀ କହିଛନ୍ତି, ରାଜ୍ୟର ୩୧୭ଟି ତହସିଲରେ ୨୭୧୧ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ରହିଛି। ସେଥିରେ ମୋଟ ୩୬୬୫ ଆର୍ଆଇ, ୩୧୦୧ ଏଆର୍ଆଇ ଓ ୨୭୮୯ ଅମିନ ନିଯୁକ୍ତି ହେବା କଥା। ମାତ୍ର ସାରା ରାଜ୍ୟରେ ଏବେ ମୋଟ ୨୫୬୪ ଆର୍ଆଇ, ୧୫୩୨ ଏଆରଆଇ ଓ ୧୩୮୮ ଅମିନ ଅଛନ୍ତି। କଟକ ଜିଲ୍ଲାରେ ସର୍ବାଧିକ ୮୨ ଆରଆଇ ପଦବି ଖାଲି ପଡ଼ିଥିବାବେଳେ ୧୦୭ ଏଆରଆଇ ଓ ୯୦ଟି ଅମିନ ପଦବି ଖାଲିପଡ଼ିଛି। ଗଞ୍ଜାମ ଜିଲ୍ଲାରେ ୭୩ ଆରଆଇ, ୧୨୩ ଏଆରଆଇ ଓ ୧୪୩ଟି ଅମିନ ପଦବି ଖାଲି ପଡ଼ିଥିବା ବେଳେ ବଲାଙ୍ଗୀରରେ ୬୬ ଆରଆଇ, ୪୭ ଏଆରଆଇ ଓ ୬୬ଟି ଅମିନ ପଦବି ଖାଲି ପଡ଼ିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏହି ପଦବି ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ଘରୋଇକରଣ ହେବ ଭୁବନେଶ୍ୱର ବିମାନ ବନ୍ଦର

**ଭୁବନେଶ୍ୱର:** ଖୁବଶୀଘ୍ର ଭୁବନେଶ୍ୱର ଆନ୍ତର୍ଜାତିକ ବିମାନବନ୍ଦରକୁ ଘରୋଇକରଣ କରାଯିବ। ଜାତୀୟ ମୁଦ୍ରୀକରଣ ପାଇପ ଲାଇନ୍ ନୀତି ଆଧାରରେ ଆସନ୍ତା ଆର୍ଥିକ ବର୍ଷ ଭିତରେ ୧୩ଟି ଛୋଟବଡ଼ ବିମାନବନ୍ଦରକୁ ଘରୋଇ କମ୍ପାନୀ ହାତକୁ ୫୦ ବର୍ଷିଆ ଲିଜ୍ ଆକାରରେ ଟେକି ଦିଆଯିବ। ବିଶେଷଜ୍ଞଙ୍କ ଅଭିଯୋଗ ଲାଭରେ ଚାଲୁଥିବା ବିମାନବନ୍ଦର ଘରୋଇକରଣ ଉଚିତ ନୁହେଁ। କ'ଣ ପାଇଁ କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଉଛନ୍ତି ସେ ବିଷୟରେ ସାଧାରଣରେ ପ୍ରକାଶ କରିବା ଦରକାର। ଗୋଟିଏ ପରେ ଗୋଟିଏ ରାଷ୍ଟ୍ରୀୟ ସମ୍ପତ୍ତିକୁ କିଛି ମୁଷ୍ଟିମେୟ ପୁଞ୍ଜିପତିଙ୍କୁ ଟେକି ଦେବାକୁ ଉଦ୍ୟମ ଚାଲିଛି। ଖୁବଶୀଘ୍ର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରର ହେବ ଘରୋଇକରଣ। ଏ ନେଇ କେନ୍ଦ୍ର ବେସାମରିକ ବିମାନଚଳାଚଳ ମନ୍ତ୍ରାଳୟ ଆରମ୍ଭ କରିଛି ପ୍ରକ୍ରିୟା। ଜାତୀୟ ମୁଦ୍ରୀକରଣ ପାଇପଲାଇନ୍ ଯୋଜନା ଅନ୍ତର୍ଗତ ୨୦୨୨ରୁ ୨୦୨୫ ଭିତରେ ଦେଶର ଛୋଟବଡ଼ ୨୫ଟି ବିମାନବନ୍ଦରର ପରିଚାଳନା ଦାୟିତ୍ୱ ଘରୋଇ





ସରକାରୀ ସହଭାଗିତା ମୋଡରେ ୫୦ ବର୍ଷିଆ ଲିଜ୍ ସୂତ୍ରରେ ଦେବାକୁ ପୂର୍ବରୁ ନୀତିଗତ ନିଷ୍ପତ୍ତି ନେଇଥିଲେ। ଏଥିରେ ଭୁବନେଶ୍ୱର ବିମାନବନ୍ଦର ସାମିଲ ଥିଲା । ଯାହାକୁ ବିଜେଡି ଓ କଂଗ୍ରେସ କଡ଼ା ବିରୋଧ କରିଆସୁଛନ୍ତି। ସୂତ୍ରରୁ ଜଣାପଡ଼ିଛି ଏବେ ତୃତୀୟ ପର୍ଯ୍ୟାୟରେ ୧୦ରୁ ଅଧିକ ବିମାନବନ୍ଦର ଘରୋଇକରଣ କରିବା ନେଇ କ୍ୟାବିନେଟ୍ ନୋଟ ପ୍ରସ୍ତୁତ ହେବା ସହ ବିଡିଂ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ବୁଦ୍ଧିଜୀବୀ। ଭୁବନେଶ୍ୱର ବିମାନବନ୍ଦର ଲାଭ କରୁଥିବାବେଳେ ଏହାକୁ ଘରୋଇ କମ୍ପାନୀ ହାତକୁ ଟେକି ଦେଇ କେନ୍ଦ୍ର ନିଜେ ପରିଚାଳନା କରିବାରେ ଅସମର୍ଥ ବୋଲି ପ୍ରମାଣିତ କରୁଛି ବୋଲି ଅଭିଯୋଗ ହୋଇଛି। ବଡ଼ ଆକାରର କେନ୍ଦ୍ର ବଜେଟ୍ ହେଉଛି। କିନ୍ତୁ ଋଣ ଓ ରାଷ୍ଟ୍ରୀୟ ସମ୍ପତ୍ତିରୁ ପୁଞ୍ଜି ପ୍ରତ୍ୟାହାର କରି ପାଣ୍ଠି ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ଆସେଟ୍ସ ମନିଟାଇଜେସନ୍ ବାବଦରେ ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ୧୦ ଲକ୍ଷ କୋଟି ସଂଗ୍ରହ କରିବାକୁ ଟାର୍ଗେଟ୍ ଦିଆଯାଇଛି। ଏହାର ଅର୍ଥ କେନ୍ଦ୍ର ସରକାର ଯେଣତେଣ ପ୍ରକାରେ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ରାଷ୍ଟ୍ରୀୟ ସମ୍ପତ୍ତିକୁ ଲିଜ୍ ସୂତ୍ରରେ ଘରୋଇ ହାତକୁ ଟେକି ଦେଇ ରୟାଲଟି ସଂଗ୍ରହ କରିବେ। ଏହି ଯୋଜନାରେ ବିମାନବନ୍ଦରର ମାଲିକାନା ସରକାରଙ୍କ ପାଖରେ ରହିବ। ଓଡ଼ିଶାବାସୀଙ୍କ କ'ଣ ଲାଭ ହେବ ସେ ସମ୍ପର୍କରେ କେନ୍ଦ୍ର ରାଜ୍ୟବାସୀଙ୍କୁ ଅବଗତ କରିବା ଦରକାର। ଗୋଟିଏ ପଟେ ଭୁବନେଶ୍ୱର ବିମାନବନ୍ଦରରେ ତୃତୀୟ ଟର୍ମିନସ୍ ଖୋଲିବାକୁ ବିମାନବନ୍ଦର ପ୍ରାଧିକରଣ ଅଣ୍ଟା ଭିଡୁଥିବା ବେଳେ ସେହି ସମୟରେ ଲିଜ୍ ଆଉଟ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ଆଦୌ ସମୀଚିନ ନୁହେଁ।

## ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତୀକରଣ ଲାଗି ୧୦ କୋଟି ଅନୁଦାନ



**ଭୁବନେଶ୍ୱର :** ଭଦ୍ରକ ପ୍ରସିଦ୍ଧ ଶୈବ କ୍ଷେତ୍ର ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତୀକରଣ ଲାଗି ରାଜ୍ୟ ସରକାର ୧୦ କୋଟି ଟଙ୍କା ପ୍ରଦାନ କରାଯିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷଣା କରିଛନ୍ତି। ଆଜି ସକାଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚ ଶିକ୍ଷା, କ୍ରୀଡ଼ା, ସଂସ୍କୃତି ଓ ଓଡ଼ିଆ ଭାଷାସାହିତ୍ୟ ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ବାବା ଆଖଣ୍ଡଳମଣିଙ୍କ ପୂଜାର୍ଚ୍ଚନା ସହ ଦର୍ଶନ କରିଥିଲେ। ପ୍ରଭାତୀ ପରିଡ଼ା, ଉଚ୍ଚ ଶିକ୍ଷା, କ୍ରୀଡ଼ା, ସଂସ୍କୃତି ଓ ଓଡ଼ିଆ ଭାଷାସାହିତ୍ୟ ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଭଦ୍ରକ ଜିଲ୍ଲାପାଳ ପ୍ରମୁଖ ବାବା ଆଖଣ୍ଡଳମଣିଙ୍କ ପୂଜାର୍ଚ୍ଚନା ସହ ଦର୍ଶନ କରିଥିଲେ। ଏହାପରେ ମନ୍ଦିର ତଥା ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦ କୋଟିର ଅନୁଦାନ ଦିଆଯିବା ନେଇ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ, ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତୀକରଣ ଲାଗି ଯାହା ଆବଶ୍ୟକ, ତାର ବ୍ୟବସ୍ଥା କରିବେ ରାଜ୍ୟ ସରକାର। ଏହାପରେ ମନ୍ଦିର ତଥା ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦ କୋଟିର ଅନୁଦାନ ଦିଆଯିବା ନେଇ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ, ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତୀକରଣ ଲାଗି ଯାହା ଆବଶ୍ୟକ, ତାର ବ୍ୟବସ୍ଥା କରିବେ ରାଜ୍ୟ ସରକାର।

# ରାଜସ୍ୱ ବୃଦ୍ଧି ପାଇଁ ବଢ଼ିବ ବିଜୁଳି ଦର !

**ଭୁବନେଶ୍ୱର :** ମାଗଣା ବିଜୁଳି ସ୍ୱପ୍ନ ତୁଟିଲା। ସୌର ବିଜୁଳି ବି ମିଳିଲା ନାହିଁ। ଆଉ ଏବେ ବୋଝ ଉପରେ ନଳିତା ବିଡ଼ା ପରି ଉପଭୋକ୍ତାଙ୍କଠାରୁ ଆଦାୟ ହେବ ଅଧିକ ବିଜୁଳି ଶୁଳ୍କ। ବିଦ୍ୟୁତ ଉତ୍ପାଦକ କମ୍ପାନୀ, ବିତରକ କମ୍ପାନୀ ଓଇଆରସି ନିକଟରେ କରିଥିବା ଦାବି ଯଦି ଗ୍ରହଣ ହୁଏ, ତେବେ ୟୁନିଟ୍ ପିଛା ଅନ୍ୟୁନ ୨୦ ପଇସାରୁ ୭୩ ପଇସା ପର୍ଯ୍ୟନ୍ତ ବିଜୁଳି ଦେୟ ବୃଦ୍ଧି ହେବା ନିଶ୍ଚିତ ବୋଲି କୁହାଯାଉଛି। ଓଇଆରସି ପକ୍ଷରୁ ବିତରଣ ଓ ପରିବହନ କ୍ଷତି ହ୍ରାସ ଲକ୍ଷ୍ୟ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ପୂରଣ କରିପାରୁ ନାହାନ୍ତି। ତେଣୁ ରାଜସ୍ୱ ବୃଦ୍ଧି ପାଇଁ ବିଜୁଳି ୟୁନିଟ୍ ଶୁଳ୍କ ବଢାଇବା ପାଇଁ ଯୁକ୍ତି କରୁଛନ୍ତି। ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗରେ ବିଦ୍ୟୁତ ଦେୟ ସମ୍ପର୍କିତ ଶୁଣାଣି ସମୟରେ ଓପିଜିସି, ଓପିଟିସିଏଲ ଓ ବିଦ୍ୟୁତ ବିତରକ କମ୍ପାନୀ ଟାଟା ପାୱାର ଦର ବୃଦ୍ଧି ପାଇଁ ଦାବି ରଖିଛନ୍ତି। ଯାହାଫଳରେ ଗ୍ରାହକଙ୍କ ଉପରେ ବିଜୁଳି ବୋଝ ବଢ଼ିବାର ଆଶଙ୍କା ଦେଖାଦେଇଛି। ୨୦୨୫-୨୬ ବର୍ଷ ପାଇଁ ଟିପିସିଓଡିଏଲର ରାଜସ୍ୱ ଆବଶ୍ୟକତା ୨୪୯୦ କୋଟି ଟଙ୍କା ଦର୍ଶାଇଛି। ସେହିପରି ରାଜସ୍ୱ ନିଅଣ୍ଟ ବୃଦ୍ଧି ଭରଣା ପାଇଁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନିମନ୍ତେ ବିତରଣକାରୀ କମ୍ପାନୀ ଦାବି କରିଛି। ଅନ୍ୟପକ୍ଷରେ ଆଗକୁ ଏଆରଆର କଷ୍ଟ୍ ବଢ଼ିବା ଆଶଙ୍କାରେ ବିଜୁଳି ଦର ବୃଦ୍ଧି ପାଇଁ ସେମାନେ ଦାବି କରୁଛନ୍ତି। ବିଜୁଳି ଦର ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କରିବାକୁ ପୂର୍ବରୁ ଟିପିଏନଓଡିଏଲ ଦାବି କରିଥିବା ବେଳେ ୭୩ ପଇସା ବୃଦ୍ଧି ପାଇଁ ଦାବି କରିଥିଲା ଟିପିଏସଓଡିଏଲ। ଟିପିସିଓଡିଏଲ ମଧ୍ୟ ଶୁଳ୍କ ବୃଦ୍ଧି ସପକ୍ଷରେ ମତ ଦେଇଛି। ତେବେ ଆୟୋଗ ସମସ୍ତ ବିଷୟ ତର୍ଜମା କରିବା ପରେ ଗ୍ରାହକ, ଉତ୍ପାଦକ ସଂସ୍ଥା, ବିତରକ ସମସ୍ତଙ୍କ ସ୍ୱାର୍ଥକୁ ଦେଖି ନିଷ୍ପତ୍ତି ନେବେ ବୋଲି କୁହାଯାଇଛି। ଆସନ୍ତା ୨୭ରେ ଟିପିଡବ୍ଲୁଓଡିଏଲର ଶୁଣାଣି ରହିଛି। ମାର୍ଚ୍ଚ ୧



ତାରିଖରେ ରାଜ୍ୟ ଉପଦେଷ୍ଟା କମିଟି ବୈଠକ ହେବ। ତା ପରେ ଆୟୋଗ ନିଷ୍ପତ୍ତି ନେବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ବିଦ୍ୟୁତ୍ ଦେୟ ବୃଦ୍ଧି ଦାବିକୁ ବିଦ୍ୟୁତ୍ ଉପଭୋକ୍ତା ସଂଘ ବିରୋଧ କରିଛି। ମହାସଙ୍ଗ କହିଛି ଯେ ପୂର୍ବ ବର୍ଷର ଟାର୍ଗେଟ ଅନୁଯାୟୀ ଟିପିସିଓଡିଏଲ ବିତରଣ ଓ ପରିବହନ କ୍ଷତି କମାଇ ପାରୁନି। ବୈଷୟିକ କ୍ଷତି ୮.୧୫ ପ୍ରତିଶତ ଲକ୍ଷ୍ୟରୁ କମ୍ପାନୀ ମାତ ୬.୪୮ ହାସଲ କରିବାରେ ସମର୍ଥ ହୋଇଛି। ଏହି କ୍ଷତି ଭରଣା କରିପାରିଲେ ଗ୍ରାହକଙ୍କଠାରୁ ଅଧିକ ଅର୍ଥ ଆଦାୟ କରିବାର ଆବଶ୍ୟକତା ପଡ଼ିବ ନାହିଁ। ଯଦି ବିତରଣ ଓ ପରିବହନ କ୍ଷତି ହ୍ରାସ କରି ପାରିବ ନାହିଁ, ସେଥିପାଇଁ ଗ୍ରାହକ କାହିଁକି କ୍ଷତି ସହିବେ ବୋଲି ଉପଭୋକ୍ତା ମହାସଂଘ ପାଲଟା ଯୁକ୍ତି ବାଢ଼ିଛି। ଏହା ସହିତ କାପେକ୍ସରେ ଏତେ ଅର୍ଥ କାହିଁକି ସରକାର ବ୍ୟୟ କଲେ ବୋଲି ମଧ୍ୟ ଉପଭୋକ୍ତା ମହାସଂଘ ଦାବି କରିବା ସହ ଟିପିସିଓଡିଏଲର ଲାଇସେନ୍ସ ରଦ୍ଦ କରିବାକୁ ଦାବି କରିଛି। ଅନ୍ୟପକ୍ଷରେ ଜୋରିମାନା ନାମରେ ଉପଭୋକ୍ତାଙ୍କଠାରୁ ଲୁଟ୍ ହୋଇଥିବା ପ୍ରାୟ ହଜାରେ କୋଟି ଟଙ୍କା କମ୍ପାନୀ ଫେରସ୍ତ କରୁ ବୋଲି ମହାସଂଘ ପ୍ରସ୍ତାବ ଦେଇଛି। ପୁନଶ୍ଚ ଯେଉଁ ଅର୍ଥ ଉପଭୋକ୍ତାଙ୍କଠାରୁ ବିଦ୍ୟୁତ୍ ବିତରଣ କମ୍ପାନୀ ଆଦାୟ କରିଛି, ସେ ସମ୍ପର୍କରେ ଆୟୋଗଙ୍କୁ ବି ଅବଗତ କରାଯାଇ ନାହିଁ। ତେଣୁ ଏହାର ବିଚାର ହେବା ଆବଶ୍ୟକ ବୋଲି ବିଦ୍ୟୁତ୍ ଉପଭୋକ୍ତା ମହାସଂଘ କହିଛି। ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ ଏ ସମ୍ପର୍କରେ କହିଛନ୍ତି ଯେ ବିଜୁଳି ଦର ବୃଦ୍ଧି ପାଇଁ ସବୁ କମ୍ପାନୀ ଦାବି କରିଛନ୍ତି। ବିଦ୍ୟୁତ ଉତ୍ପାଦକ କମ୍ପାନୀ ଓ ବିତରକ କମ୍ପାନୀ ଟାରିଫ୍ ବୃଦ୍ଧି ସପକ୍ଷରେ ଅଛନ୍ତି। ଏହି ଦାବିରେ କେତେ ଯଥାର୍ଥତା ଅଛି ସମସ୍ତଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି ଓଇଆର୍ସି କହିଛନ୍ତି।





EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩ - ୯ ମାର୍ଚ୍ଚ, ୨୦୨୫

# ପରିବର୍ତ୍ତନର ସୂର୍ଯ୍ୟ



ସମ୍ପାଦକୀୟ

ତାରକ ମହାନ୍ତି

ଦେଶର ସମ୍ବିଧାନ ଅନୁଯାୟୀ ଆଇନର ଉର୍ଦ୍ଧ୍ୱରେ କେହି ନୁହଁନ୍ତି. ବାସ୍ତବିକ ଏହାର ସତ୍ୟତା ସହଜରେ ଉପଲବ୍ଧି କରିହୋଇନଥାଏ। କାରଣ ଆଇନର ଗଳା ବାଟ ଦେଇ ଯିବା ଆସିବା କରୁଥିବା ଲୋକଙ୍କ ସଂଖ୍ୟା କିଛି କମ ନୁହେଁ। ସମ୍ପ୍ରତି ଦେଶ ଭିତରେ ଯେତେ ଯେତେ ଦୁର୍ନୀତିର ଖବର ସାମ୍ନାକୁ ଆସୁଛି ତାହାକୁ ପ୍ରତିହତ କରିବାର ଯଥେଷ୍ଟ ବ୍ୟବସ୍ଥା ଥାଇ ସୁଦ୍ଧା ଏଭଳି ଘଟଣା ଘଟୁଛି କିପରି ? ପ୍ରତ୍ୟେକ କାର୍ଯ୍ୟରେ ଦୁର୍ନୀତି, ସରକାରୀ ଜମି ହଡପ ସହିତ ଅନେକ କାର୍ଯ୍ୟ ଯେଭଳି ବେନିୟମ ଭାବେ ଘଟି ଚାଲିଛି ସେଥିପାଇଁ କଣ ବ୍ୟବସ୍ଥାକୁ ଦାୟୀ କରାଯିବା ଉଚିତ ନୁହେଁ କି ? ଚୋର ପଳେଇଲା ପରେ ବୁଦ୍ଧି ବାହାରିବା ପରେ ଆଜିକାଲି ଅନେକ ପ୍ରସଙ୍ଗରେ ଲୋକ ଅନେକ କଥା କହୁଛନ୍ତି। କେହି ସରକାରୀ କର୍ମଚାରୀ କିମ୍ବା ଅଧିକାରୀ ଭିଜିଲାନ୍ସ ହାତରେ ଧରା ପଡି ଜେଲ ଗଲେ ଏଭଳି ଅନେକ ଆଲୋଚନା ଦପ୍ତର ଠାରୁ ଆରମ୍ଭ କରି ଚା ଖଟିରେ ଆଲୋଚନା ହୁଏ। ଡକାୟତ ଦେଶରେ ସାଧୁ କଣ ରହିପାରିବେ ? ବୋଧେ ସେଇଆ ନୁହେଁ ବୋଲି ସାଧୁବେଶୀ ଡକାୟତ ଦେଶକୁ ଲୁଟ କରୁଛନ୍ତି। ଯୁଆଡେ ଦେଖିଲେ ସବୁଥିରେ ଲାଞ୍ଚ କାରବାର। ପୁଞ୍ଜି ନିବେଶ ଠାରୁ ଶିଳ୍ପ ପ୍ରତିଷ୍ଠା ପର୍ଯ୍ୟନ୍ତ ବ୍ୟାପକ ଲାଞ୍ଚ କାରବାର ଚାଲିଛି। ଗ୍ରାମ୍ୟ ରାସ୍ତା ହେଉ କି ଜଳ ଯୋଗାଣ ଯେଉଁ କାର୍ଯ୍ୟ ଦେଖିବ ସେଥିରେ ମୋଟା ଅଙ୍କର ପିସି କାରବାର। ତଳଠୁ ଉପର ପର୍ଯ୍ୟନ୍ତ ଲାଞ୍ଚ କାରବାରର ଗତି। ବଡ଼ କାମ ପାଇଁ ବଡ଼ ଟଙ୍କା କାରବାର ତ ଛୋଟ କାମ ପାଇଁ ଯାହା ବି କିଛି ଦରକାର। ସରକାରୀ ସ୍ତରରେ ଲାଞ୍ଚ ଏକ ଅଘୋଷିତ ସମ୍ରାଟ ଭାବେ ରାଜ କରୁଛି। ପ୍ରତ୍ୟେକ କାର୍ଯ୍ୟ ପାଇଁ ସରକାରୀ ଅଧିକାରୀ, ପୋଲିସ, ଯନ୍ତ୍ରୀ ଓ ପିଅନ, କିରାଣୀ ସମସ୍ତେ ଲାଞ୍ଚ ଅପେକ୍ଷାରେ ରହୁଛନ୍ତି। କେହି ବି ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସଚେତନ ନାହାନ୍ତି। ସେମାନେ ମାନସିକ ଭାବେ ଭାବି ନେଇଛନ୍ତି ଯେ ଫାଇଲ ଖୋଲିଲେ ଅର୍ଥ ଆଗମନ। ଆଜି କିଟ ବିଶ୍ୱବିଦ୍ୟାଳୟକୁ ନେଇ ଯେଉଁ ହଟଚମଟ ଚାଲିଛି ତାହା ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣା ଅପେକ୍ଷା ଜମି ଦୁର୍ନୀତିକୁ ନେଇ ଅଧିକ ଶାଣିତ। କାରଣ ଜଙ୍ଗଲ ଜମି ଓ ଇଡ଼କୋ ଜମି କିଭଳି ହାତେଇଥିଲା କିଟ ତାହା ଏବେ ସରକାରଙ୍କ ପାଇଁ କଣ୍ଟା ହେଲାଣି। କିନ୍ତୁ ଏହାରି ପଛରେ ତ ସେହି ସରକାର। କଂଗ୍ରେସ, ବିଜେପି ଓ ବିଜେଡି ସବୁ ଦଳର ନେତା କିଟକୁ ସହଯୋଗ ଦେଇଥିଲେ। ନଚେତ ଏତେବଡ ବିଶାଳ ସାମ୍ରାଜ୍ୟ କଣ ଦିନକରେ ହୋଇଗଲା ? ସେତେବେଳେ ସମସ୍ତେ ନିରବ ଥିଲେ କାହିଁକି ବୋଲି ଯଦି ପ୍ରଶ୍ନ କରାଯିବ ଏହାର ଉତ୍ତର କେହି ଦେବେନାହିଁ। ଯେଉଁମାନେ ଏହି ସଂସ୍ଥାରୁ ଲାଭାନ୍ୱିତ ହେଉଛନ୍ତି, ହେଉଥିଲେ ବା ହେବାର ଆଶା ରହିଛି ସେମାନେ କିଟ ବିରୋଧରେ କହିବେକି। ବିଭିନ୍ନ ଉପାୟରେ କିଟ୍ ଏହି କାର୍ଯ୍ୟ ସମ୍ପାଦନ କରି ଆଜି ପ୍ରତିଷ୍ଠିତ। ଭୁଲ ଧରିବା ଲୋକ ନିଜେ ବା ନିଜ ପରିବାର ସଦସ୍ୟଙ୍କ ଜରିଆରେ ନିୟମିତ ଲାଭ ପାଉଛନ୍ତି ସେମାନେ କିଟ ସପକ୍ଷରେ କହିବା ସ୍ୱାଭାବିକ। ଅନ୍ୟକଥା ହେଲା କିଟ କେବଳ ବ୍ୟାଙ୍କ ଋଣରେ ପ୍ରତିଷ୍ଠା ହୋଇନାହିଁ। ଏଥିରେ ଦେଶର ତଥା ରାଜ୍ୟର ବହୁ ନେତା ମନ୍ତ୍ରୀଙ୍କ ଟଙ୍କା ବିନିଯୋଗ ହୋଇଛି। ତେଣୁ ସେମାନେ ଯଦି କିଟ ବିରୋଧରେ କିଛି କରିବେ ତାଙ୍କ ଦ୍ୱାରା ବିନିଯୋଗ ହୋଇଥିବା ଅର୍ଥ ଆଉ ଫେରି ପାଇବେ କି ? ତେଣୁ ଏଥିରେ ଅନେକ ବଡ଼ ମୁଣ୍ଡ ଜଡିତ। ଏପରିକି ଅନେକ ଶିଳ୍ପପତି, କଳାଧନର କୁବେର ଟଙ୍କା ଖଟାଇଛନ୍ତି ବୋଲି ଆଲୋଚନା ହେଉଛି। ତେଣୁ ତୁ ଗୁହାରି କରିବୁ ଯାହାକୁ ମୁଁ ଘଇତା କରିଛି ତାହାକୁ ନ୍ୟାୟରେ ଏହି ଅନୁଷ୍ଠାନ ଚାଲିଛି। ଏଥିରେ କେବଳ ଜଣେ ବ୍ୟକ୍ତି ଦୋଷୀ ବୋଲି ଦେଖାଯାଇପାରିବ ନାହିଁ। ଚୋରକୁ ସହାୟତା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଚୋର ବୋଲି ବିଚାର କରିବାକୁ ହେବ। କାରଣ ସମସ୍ତେ ଜାଣି ଜାଣି କିଭଳି ଚୋରକୁ ସହଯୋଗ କଲେ ! ଏହା ଭିତରେ କିଛି ଅଛି। ଏଇ ଭିତରେ ଥିବା କଥାକୁ ଯଦି ନିରିଖେଇକି ଦେଖାଯାଏ ତେବେ ବସ୍ତାଏ ଚାଉଳରୁ କିଏ କେତେ ଭାଗ ନେଉଛି ଜଣାପଡିବ। ଯଦି ନେବା ଓ ଦେବାର ତରିକା ଭିନ୍ନ ହୋଇପାରେ। ସିଧା ସଳଖ ଲାଞ୍ଚ ଦେଇ କାର୍ଯ୍ୟ ହାସଲ କରିବା ଅପେକ୍ଷା ଅତି ସହଜରେ କାର୍ଯ୍ୟ ହାସଲର ଏଭଳି ମହାନ ଧାରା ସତରେ ବିସ୍ମୟ ସୃଷ୍ଟି କରୁଛି। ଲାଞ୍ଚ ଯଦି ବୁଲେଇ ବଙ୍କେଇ ଯାଇ କାର୍ଯ୍ୟ ହୋଇପାରୁଛି ଏହାଠୁ ସୁବିଧା ବାଟ ଆଉ କିଛି ନାହିଁ। ଯେଉଁ ମହାଦ୍ରୁମର ଛାଇ ଅସଂଖ୍ୟ ଲୋକଙ୍କୁ ଛାଇ ଦେଇପାରୁଛି ସେ ଛାଇ କଣ ସହଜରେ ଭୁଲିହୁଏ ! କିନ୍ତୁ ଗୋଟିଏ ପାପ ଗଛର ଛାଇ କ'ଣ ସାରା ଜୀବନ କାହାକୁ ଛାୟା ପ୍ରଦାନ କରିପାରେ କି ? କେବେ ନା କେବେ ପାପ ଧରାପଡେ। ତାହା ଲୋକ ଲୋଚନକୁ ଆସେ ଏବଂ ଚର୍ଚ୍ଚାରେ ଏଭଳି ରହେ ଯେ ସତେଯେମିତି ଏକ ପରିବର୍ତ୍ତନର ସୂର୍ଯ୍ୟ ଉଇଁବାକୁ ଅପେକ୍ଷା କରିଛି।

# ହୀରାଖଣ୍ଡର ହୀରା ବୀରସୁରେନ୍ଦ୍ର ସାଏ



ଅକ୍ଷୟ କୁମାର ରାଉତ

*(ପୂର୍ବପ୍ରକାଶ ଉତ୍ତାରୁ)*

ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା । ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ । ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତକରିବାକୁ ରାୟପ୍ରକାଶ କରିଥିଲେ ।

୧୮୧୮ ଆଇନର ଅଧିନନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ । ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତ୍ତୃପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ । ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା । ୧୮୮୪ ଫେବୃଆରି ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା । ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ।

**ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର**
**ଦୂରଭାଷ : ୯୯୩୭୬୯୧୪୭୫**

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଅଲ୍-ଥାନିଙ୍କ ଭାରତ ଗସ୍ତର ଭବିଷ୍ୟତ



ସୌମେନ୍ଦ୍ର ଜେନା

ମଧ୍ୟପ୍ରାଚ୍ୟର ଅନ୍ୟତମ ଧନୀ ରାଷ୍ଟ୍ର କାତାରର ଆମିର ବା ଶାସନ ମୁଖ୍ୟ ଶେଖ ତମିମ ବିନ୍ ହମିଦ ଅଲ-ଥାନି ୧୭-୧୮, ଫେବୃଆରୀ ୨୦୨୫ରେ ଦୁଇଦିନିଆ ଗସ୍ତରେ ଭାରତକୁ ଆସିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସ୍ୱାଗତ କରିବାପାଇଁ ପ୍ରୋଟୋକଲ ବାହାରକୁ ଯାଇଥିଲେ । ଆମିରଙ୍କ ସହ ତାଙ୍କ ଦେଶର ବ୍ୟବସାୟୀ, ଅଧିକାରୀ ଏବଂ ମନ୍ତ୍ରୀମାନେ ମଧ୍ୟ ଆସିଥିଲେ । ନୂଆଦିଲ୍ଲୀରେ ଅଲ-ଥାନିଙ୍କୁ ରାଷ୍ଟ୍ରପତି ଭବନଠାରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱାଗତ କରିବା ସହ ତାଙ୍କ ଉଦ୍ଦେଶ୍ୟରେ ଏକ ଭୋଜୀର ଆୟୋଜନ କରିଥିଲେ । ଏହା ପୂର୍ବରୁ ୨୦୧୫ରେ ଶେଖ ତମିମ ମଧ୍ୟ ଭାରତ ଗସ୍ତରେ ଆସିଥିଲେ।

ଭାରତ ପରି କାତାର ଏକଦା ବ୍ରିଟେନ ଉପନିବେଶ ରହିଥିଲା । ୩ ସେପ୍ଟେମ୍ବର ୧୯୭୧ରେ ଏହା ବ୍ରିଟେନଠାରୁ ସ୍ୱାଧୀନତା ହାସଲ କରିଥିଲା । ତେବେ ୧୮୬୮ରେ ଥାନି ପରିବାର ବ୍ରିଟେନ ସହ ଏକ ବୁଝାମଣା କରି ପାରମ୍ପାରିକ ଶାସକ ରହିଆସିଛନ୍ତି । ତମିମ ଅଲ୍-ଥାନିଙ୍କ ହାତରେ ପ୍ରଶାସନିକ,ବୈଧାନିକ ଏବଂ ଆଇନଗତ କ୍ଷମତା ରହିଛି । ସେ ପ୍ରଧାନମନ୍ତ୍ରୀ ଏବଂ କ୍ୟାବିନେଟକୁ ନିଯୁକ୍ତି ଦେଇଥାନ୍ତି। ଦେଶର ସଂସଦ ଆଶିଂକଭାବେ ନିର୍ବାଚିତ ହୋଇ ଆସୁଥିବା ହେତୁ ମନ୍ତ୍ରୀମାନଙ୍କୁ ହଟାଇବା ଅଧିକାର ପାଇନାହିଁ । ଦେଶର ଜନସଂଖ୍ୟା ୩୦ଲକ୍ଷରୁ ଅଧିକ ହୋଇଥିଲେ ମଧ୍ୟ ସ୍ଥାନୀୟ ଅଧିବାସୀଙ୍କ ସଂଖ୍ୟା ମାତ୍ର ୧୦ପ୍ରତିଶତ । କିନ୍ତୁ ତୈଳ ଓ ଗ୍ୟାସ ରପ୍ତାନୀ କରି ଏହି ଛୋଟ ରାଷ୍ଟ୍ର ମୁଣ୍ଡପିଛା ଆୟରେ ପୃଥିବୀରେ ଚତୁର୍ଥ ସ୍ଥାନରେ ରହିଛି । ଦେଶର ମୋଟ ଜନସଂଖ୍ୟାର ୪୯ପ୍ରତିଶତ ଆରବୀ,୪୩ ପ୍ରତିଶତ ଦକ୍ଷିଣ ଏସିଆର । ସେମାନଙ୍କ ମଧ୍ୟରେ ଭାରତୀୟ ୨୧.୮ ପ୍ରତିଶତ, ବଙ୍ଗଳାଦେଶୀ ୧୨.୫ ପ୍ରତିଶତ, ପାକିସ୍ଥାନୀ ୪.୭ ପ୍ରତିଶତ, ଶ୍ରୀଲଙ୍କାର ଲୋକେ ୪.୩୫ ପ୍ରତିଶତ ୧୧୫୮୧ ବର୍ଗ କିମି ଅଞ୍ଚଳ ପରିବ୍ୟାପ୍ତ ଏହି ଆରବୀ ରାଷ୍ଟ୍ରରେ ପାନୀୟ ଜଳ ବହୁତ କମ୍ ରହିଛି । ପ୍ରତିବର୍ଗ କି.ମି ଅଞ୍ଚଳରେ ପ୍ରାୟ ୨୬୪ ଜଣରୁ ଅଧିକ ଲୋକ ବସବାସ କରିଥାନ୍ତି । ମୁଣ୍ଡପିଛା ଆୟ ୭୧୫୬୮ ଡଲାର ରହିଛି । ଆମେରିକାର ଅଣନାଟୋ ସହଯୋଗୀ ରାଷ୍ଟ୍ରରହିବା ସହ ଗଲ୍‌ଫ କୋ-ଅପରେସନ କାଉନସିଲର ଏହା ସଦସ୍ୟରାଷ୍ଟ୍ର ରହିଛି ।

ତୈଳ ଓ ଗ୍ୟାସ କାତାରର ଆୟର ମୁଖ୍ୟ ଉତ୍ସ ରହିଆସିଛି । କିନ୍ତୁ ଆଗାମୀ ଦିନରେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆସିବାର ସମ୍ଭାବନା ଥିବା ହେତୁ କାତାର ଏବେଠୁ ନିଜକୁ ପ୍ରସ୍ତୁତ କରୁଛି ଆହ୍ୱାନର ସମ୍ମୁଖୀନ ହେବାଲାଗି । ଅର୍ଥନୀତିକୁ ଶକ୍ତି ଆଧାରିତ ନକରି ବିବିଧ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଋହୁଁଛି । ତୈଳ ଓ ଗ୍ୟାସରୁ ମିଳିଥିବା ଅର୍ଥକୁ ବିଦେଶରେ ନିବେଶକରି ଦୀର୍ଘକାଳିନ ପ୍ରକଳ୍ପରୁ ଲାଭ ଉଠାଇବା ପାଇଁ ଋହୁଁଛି । ସେହି କ୍ରମରେ ଆଲ୍-ଥାନି ଭାରତରେ ଆଗାମୀ ଦିନରେ ନିବେଶ କରିବା ସହ ଦ୍ୱିପାକ୍ଷିକ ବାଣିଜ୍ୟ ସଂପର୍କକୁ ସୁଦୃଢ କରିବାକୁ ଋହୁଁଛନ୍ତି । ସାଉଦି ଆରବପରି କାତାର ପୃଥିବୀର ପ୍ରଭାବଶାଳୀ ରାଷ୍ଟ୍ରଗୁଡିକ ସହ ନିଜର ସଂପର୍କକୁ ଅଧିକ ସୁଦୃଢ କରିବା ସହ ବାଣିଜ୍ୟିକ ସଂପର୍କକୁ ଦୀର୍ଘକାଳିନ କରିବାକୁ ପ୍ରୟାସ କରୁଛି । ୧୯୭୧ରୁ ୧୯୯୦ ପର୍ଯ୍ୟନ୍ତ କାତାର ସାଉଦି ଆରବର ସହଯୋଗୀ ରହିଥିଲା । କିନ୍ତୁ ମଧ୍ୟପ୍ରାଚ୍ୟରେ ଇରାକର ପ୍ରଭାବକୁ ସାଉଦି ଆରବ କର୍ତ୍ତୃପକ୍ଷ ନିୟନ୍ତ୍ରଣ କରିନପାରିବା ହେତୁ ଏହି ଦେଶ କ୍ରମଶଃ ସାଉଦି ଆରବ ଠାରୁ ଦୂରେଇ ଯାଇ ନିଜସ୍ୱ ପ୍ରଭାବ ବୃଦ୍ଧି କରିବାକୁ ଚେଷ୍ଟା କଲା । ଫଳତଃ ୧୯୯୫ପରେ ଅଲ୍-ଜଜିରା ଗଣମାଧ୍ୟମ ଦ୍ୱାରା ବିଶ୍ୱବ୍ୟାପି ପ୍ରଭାବ ବଢାଇବା ସହ ସାଉଦି ଆରବ ପରି ଇସଲାମିକ ସନ୍ତ୍ରାସବାଦୀଙ୍କୁ ଅର୍ଥ ଓ ପ୍ରଋର ସୁବିଧା ମଧ୍ୟ ଯୋଗାଇଲା । ୧୯୯୬ରେ ଇସ୍ରାଏଲ ସହ ସଂପର୍କ ବୃଦ୍ଧି କରି ୨୦୦୧ରେ ଆମେରିକାକୁ ବିମାନଘାଟୀ ନିର୍ମାଣ ପାଇଁ ନିଜ ଦେଶରେ ଜମିପ୍ରଦାନ କଲା । କାତାରର ଦୋହାଠାରେ ତାଲିବାନଠାରୁ ଆରମ୍ଭ କରି ହାମାସ ପରି ସନ୍ତ୍ରାସୀ ସଂଗଠନର କାର୍ଯ୍ୟାଳୟ ଏବେ ବି ସକ୍ରିୟ ରହିଛି । ଆମେରିକା-ତାଲିବାନ ଆଲୋଚନାର ମଧ୍ୟସ୍ଥତା କାତାର ପକ୍ଷରୁ ଦୋହାଠାରେ କରାଯାଇଥିଲ । ମଧ୍ୟପ୍ରାଚ୍ୟରେ ଏବେ ସାଉଦି ଆରବର ରିୟାଦରେ ଯେପରି ଆମେରିକା-ରୁଷିଆ ମଧ୍ୟରେ ୟୁକ୍ରେନ ଯୁଦ୍ଧକୁ କେନ୍ଦ୍ର କରି ଯେଉଁ ଆଲୋଚନା ଆୟୋଜିତ ହୋଇଥିଲା ସେଥିରେ ସାଉଦି କର୍ତ୍ତୃପକ୍ଷ ମଧ୍ୟସ୍ଥତା କରିଥିଲେ ।

ଅଲ୍-ଥାନିଙ୍କ ଗସ୍ତକାଳରେ ଭାରତ - କାତାର ରଣନୀତିକ ସହଯୋଗ ପାଇଁ ଦ୍ୱିପାକ୍ଷିକ ବୁଝାମଣା ହୋଇଥିଲା । ଆଗାମୀ ଦିନରେ ରାଜନୀତିକ,ବାଣିଜ୍ୟ, ନିବେଶ, ସୁରକ୍ଷା, ଶକ୍ତି, ସଂସ୍କୃତି ନିରନ୍ତର ବିକାଶ ଲୋକଙ୍କ ମଧ୍ୟରେ ସଂପର୍କକୁ ସୁଦୃଢ କରିବାକୁ ପ୍ରୟାସ କରାଯିବ । ଦୋହରା ଟିକସକୁ ହଟାଯାଇ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଚୁକ୍ତି ସଂକ୍ରାନ୍ତରେ ଆଲୋଚନା ପାଇଁ ଦୁଇଦେଶ ରାଜି ହୋଇଥିଲେ । ମନ୍ତ୍ରୀ ଏବଂ ଅଧିକାରୀସ୍ତରୀୟ ଆଲୋଚନା ଜାରି ରଖିବାକୁ ସ୍ଥିର ହୋଇଥିଲା । ଦ୍ୱିପାକ୍ଷିକ ବାଣିଜ୍ୟ ପାଇଁ ପୂର୍ବରୁ ଗଠିତ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ଏବେ ବ୍ୟବସାୟ-ବାଣିଜ୍ୟ ମିଳିତ କମିଶନ ଭାବେ ପରିଚିତ ହେବ । ଏଥିରେ ଦୁଇଦେଶର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ନେତୃତ୍ୱ ନେବେ । ୧୩ ଫେବୃଆରୀ ୨୦୨୫ରେ ପ୍ରଥମଥର ପାଇଁ ମିଳିତ ବ୍ୟାବସାୟିକ ପରିଷଦର ବୈଠକ ଦୁଇଦେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୨୦୨୩ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦୁଇଗୁଣ କରିବା ସହ ଆର୍ଥିକ ସହଯୋଗ ବୁଝାମଣା ଆଲୋଚନା ଆଡକୁ ଯିବାଲାଗି ସ୍ଥିର ହୋଇଛି ।

ଭାରତର ଅର୍ଥନୀତି ଦ୍ରୁତ ବିକାଶ କରୁଥିବା ହେତୁ କାତାର ପୁଞ୍ଜିନିବେଶ ସଂସ୍ଥାନ (କ୍ୟୁଆଇଏ) ଭାରତରେ ନିଜର ଏକ କାର୍ଯ୍ୟାଳୟ ଖୋଲିବାକୁ ସ୍ଥିର କରିଛି । ଗତ ଜୁନ୍ ୨୦୨୪ରେ ଭାରତର ପୁଞ୍ଜିନିବେଶ ନିମନ୍ତେ ମିଳିତ କାର୍ଯ୍ୟଗୋଷ୍ଠୀର ଯେଉଁ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା ତାହା ସଫଳ ହୋଇଥିବା କଥା ପ୍ରକାଶ ପାଇଥିଲା । ଭାରତରେ ବିଦେଶୀ ପୁଞ୍ଜିନିବେଶ ନିମନ୍ତେ ସରକାର ଯେପରି ସୁବିଧା ସୃଷ୍ଟି କରିଛନ୍ତି ସେଥିପାଇଁ କାତାର କର୍ତ୍ତୃପକ୍ଷ ସନ୍ତୋଷ ବ୍ୟକ୍ତ କରିଥିଲେ । ନିର୍ମାଣ, ଟେକ୍‌ନୋଲୋଜୀ, ଉତ୍ପାଦନ, ଖାଦ୍ୟସୁରକ୍ଷା, ପରିବହନ, ହୋଟେଲ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କାତାର ପୁଞ୍ଜିନିବେଶ କରିବାକୁ ଆଗ୍ରହୀ ରହିଛି । ଆଗାମୀ ଦିନରେ ୧୦ ବିଲିଅନ ଡଲାର ଭାରତରେ କାତାର ନିବେଶ କରିବାକୁ ଘୋଷଣା କରିଥିଲା । ଦୁଇଦେଶର ସରକାର ନିଜର ଆଇନ ଅନୁଯାୟୀ ନିବେଶକୁ ସୁଯୋଗ ଦେବାସହ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଦୁଇଦେଶର ବେସରକାରୀ କ୍ଷେତ୍ର ମଧ୍ୟରେ ପୁଞ୍ଜିନିବେଶ ଓ ସହଯୋଗକୁ ପ୍ରୋତ୍ସାହନ ଦେବାଲାଗି ୧୮ ଫେବୃଆରୀ ୨୦୨୫ରେ ଦୁଇଦେଶର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ମିଳିତ ବ୍ୟାବସାୟିକ ଫୋରମ୍‌ର ଆଲୋଚନାକୁ ଉଦ୍‌ଘାଟନ କରିଥିଲେ । ଶିଳ୍ପମେଳା ଆୟୋଜନ ମାଧ୍ୟମରେ ଦୁଇଦେଶର ବ୍ୟବସାୟୀଙ୍କ ପାଇଁ ଏକ ମଞ୍ଚ ପ୍ରଦାନ ଲାଗି ଆଲୋଚନା ହୋଇଥିଲା । ଯାହାଫଳରେ ମିଳିତ ଉତ୍ପାଦନ, ନିରନ୍ତର ବ୍ୟାବସାୟିକ ସଂପର୍କ ସ୍ଥାପନର ପ୍ରୟାସ ସହଜ ହୋଇପାରିବ ।

କାତାରର କ୍ୟୁଏନ୍‌ବିର ପଏଣ୍ଟସ ଅଫ୍ ସେଲ୍‌ସରେ ଭାରତର ୟୁଟିଆଇର ବ୍ୟବହାର ହୋଇପାରିବ, ଯାହା ପରେ ସାରା କାତାରରେ ସୁବିଧା ଯୋଗାଇଦେବ । ଗିଫ୍ଟ ସିଟୀଠାରେ କାତାରର କ୍ୟୁଏନ୍‌ବିର ଏକ କାର୍ଯ୍ୟାଳୟ ଭାରତରେ ଖୋଲିବାକୁ ନିଷ୍ପତ୍ତି ହୋଇଥିଲା । ଶକ୍ତି କ୍ଷେତ୍ର ପାଇଁ ଗଠିତ ମିଳିତ କାର୍ଯ୍ୟଗୋଷ୍ଠୀର ବୈଠକରେ ଦୁଇଦେଶ ଶକ୍ତି କ୍ଷେତ୍ରରେ ନିର୍ମାଣ, ପୁଞ୍ଜିନିବେଶ, ବାଣିଜ୍ୟ ବୃଦ୍ଧି ପାଇଁ ପ୍ରୋତ୍ସାହନ ବିଷୟରେ ଆଲୋଚନା କରିବାକୁ ରାଜି ହୋଇଛନ୍ତି ।

ସମସ୍ତ ସୀମାପାର ଆତଙ୍କବାଦ ଏବଂ ସଂଗଠିତ ଆତଙ୍କୀବାଦକୁ ଦୁଇରାଷ୍ଟ୍ର ନିନ୍ଦା କରିବା ସହ ଏହି ସମସ୍ୟାକୁ ସମ୍ମୁଖୀନ ହେବାପାଇଁ ବ୍ୟବସ୍ଥା ନିର୍ମାଣ କରିବାକୁ ପରସ୍ପରକୁ ସାହାଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି । ସେଥିପାଇଁ ସୂଚନା ଏବଂ ଗୋଇନ୍ଦା ତଥ୍ୟ ଆଦାନ ପ୍ରଦାନ କରିବାକୁ ରାଜି ହୋଇଛନ୍ତି । ଅର୍ଥ ଜାଲିଆତି, ନିଶାଦ୍ରବ୍ୟ ଋଲାଣ, ସାଇବର ଅପରାଧ, ବହୁଦେଶୀୟ ଅପରାଧକୁ ରୋକିବା ପାଇଁ ଦୁଇଦେଶ ପରସ୍ପରକୁ ସାହାଯ୍ୟ କରିବେ । ସେଥିପାଇଁ ଦୁଇଦେଶ ସୁରକ୍ଷା ଓ ଆଇନର କାର୍ଯ୍ୟକାରିତା ପାଇଁ ଗଠିତ ମିଳିତ କମିଟିର ବୈଠକ ନିୟମିତ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଛଡା ଟେକ୍‌ନୋଲୋଜୀ, ନବସର୍ଜନ, କୃତ୍ରିମ ବୁଦ୍ଧିମତ୍ତା, ଇ-ପ୍ରଶାସନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଆଲୋଚନା ହୋଇଥିଲା । ଡିଜିଟାଲ ସେବା କ୍ଷେତ୍ରରେ ସଫଳ ପ୍ରୟୋଗକୁ ପ୍ରୋତ୍ସାହନ ଦେବାକୁ ନିଷ୍ପତ୍ତି ହୋଇଥିଲା । କାତାରର ଦୋହାଠାରେ ୨୦୨୪-୨୫ ବର୍ଷ ପାଇଁ ଆୟୋଜିତ ୱେବ ଶିଖର ଆଲୋଚନାରେ ଭାରତର ଷ୍ଟାର୍ଟଅପ୍ ସଂସ୍ଥାଗୁଡିକ ଯୋଗଦାନ କରିଥିବା ହେତୁ କାତାର ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଥିଲା ।

ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଆଲୋଚନା ହୋଇଥିଲା । ଦୁଇଦେଶରେ ଔଷଧ କମ୍ପାନୀଗୁଡିକର ପଞ୍ଜିକରଣ ଏବଂ ସ୍ୱାସ୍ଥ୍ୟସେବା ଉପକରଣର ସୁଲଭ ଯୋଗାଣ ନିମନ୍ତେ ସ୍ୱାସ୍ଥ୍ୟସେବା ନିମନ୍ତେ ଗଠିତ ମିଳିତ କାର୍ଯ୍ୟଗୋଷ୍ଠୀ ଅଧିକ ଚିନ୍ତା କରିବାକୁ ମତପ୍ରକାଶ ପାଇଥିଲା । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟବହୃତ ହେଉଥିବା ଔଷଧ ଏବଂ ଉପକରଣ ଆଦି କାତାରକୁ ରପ୍ତାନୀ କରିବାକୁ ଭାରତର କମ୍ପାନୀମାନେ ଆଗ୍ରହ ପ୍ରକାଶ କରିଥିବା ସଂପର୍କରେ ଆଲୋଚନା ହୋଇଥିଲା । କୋରୋନା ପରି ସଂକଟ କାଳରେ କିପରି ପରିସ୍ଥିତିର ମୁକାବିଲା କରାଯାଇପାରିବ ସେଥିପାଇଁ ନିରନ୍ତର ପ୍ରସ୍ତୁତି ଉପରେ ଅଧିକ ଜୋରଦେବାକୁ ମିଳିତ କାର୍ଯ୍ୟଗୋଷ୍ଠୀ ଅଧିକ ଚିନ୍ତା କରିବାକୁ ମତପ୍ରକାଶ ପାଇଥିଲା । ଖାଦ୍ୟସୁରକ୍ଷା ଏବଂ ଯୋଗାଣ ବ୍ୟବସ୍ଥା ନିର୍ମାଣ ନିମନ୍ତେ ଦୁଇରାଷ୍ଟ୍ର ଆଗାମୀ ଦିନରେ ପରସ୍ପରକୁ ସହଯୋଗ କରିବାକୁ ରାଜି ହୋଇଥିଲେ ।

ଦୁଇରାଷ୍ଟ୍ରରେ ଥିବା ଅନୁଷ୍ଠାନଗୁଡିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଯୋଗ, ଅଂଶଗ୍ରହଣ ଏବଂ ଆୟୋଜନ ପାଇଁ ଅଧିକ ଜୋର ଦେବାକୁ କୁହାଯାଇଥିଲା । ସେହିପରି କ୍ରୀଡା କ୍ଷେତ୍ରରେ ମଧ୍ୟ ଦୁଇରାଷ୍ଟ୍ର ପରସ୍ପରକୁ ସହଯୋଗ କରିବା ସହ ଆଲୋଚନାର ଆୟୋଜନ, ସମ୍ମିଳନୀ ଏବଂ ପ୍ରତିଯୋଗିତା ପାଇଁ କାର୍ଯ୍ୟକରିବା ଲାଗି ସ୍ଥିର ହୋଇଥିଲା । ଆଗାମୀ ଦିନରେ ଭାରତ-କାତାର ସାଂସ୍କୃତିକ, ବନ୍ଧୁତା ଏବଂ କ୍ରୀଡାର ବର୍ଷ ପାଳନ କରାଯିବା ଲାଗି ମତପ୍ରକାଶ ପାଇଥିଲା । ମାନବ ସମ୍ବଳରେ ସହଯୋଗ, ଶ୍ରମିକବର୍ଗର ଯିବାଆସିବାରେ ସୁବିଧା, ସେମାନଙ୍କ କଲ୍ୟାଣ, ସମ୍ମାନ ଏବଂ ସୁରକ୍ଷା ପାଇଁ ଶ୍ରମ ଓ ରୋଜଗାର ପାଇଁ ଗଠିତ ମିଳିତ କାର୍ଯ୍ୟଗୋଷ୍ଠୀ ନିୟମିତ ଅନ୍ତରରେ ବୈଠକ କରିବାଲାଗି କୁହାଯାଇଥିଲା । ଆନ୍ତର୍ଜାତିକ ବିବାଦର ସମାଧାନ ମଧ୍ୟପ୍ରାଚ୍ୟରେ ସୁରକ୍ଷା ପାଇଁ କୂଟନୀତିକ ସ୍ତରରେ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ କରାଯିବା ଲାଗି ମତପ୍ରକାଶ ପାଇଥିଲା । ଜାତିସଂଘ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ମଞ୍ଚରେ ଦୁଇରାଷ୍ଟ୍ର ପରସ୍ପରକୁ ସହଯୋଗ କରିବାକୁ ସ୍ଥିର ହୋଇଥିଲା । କାତାର ଅଧକ୍ଷତାରେ ୯ ସେପ୍ଟେମ୍ବର ୨୦୨୪ରେ ରିୟାଦଠାରେ ଆୟୋଜିତ ଭାରତ-ମଧ୍ୟପ୍ରାଚ୍ୟ ମିଳିତ ବିଦେଶ ମନ୍ତ୍ରୀସ୍ତରୀୟ ଆଲୋଚନାର ସଫଳତା ପାଇଁ କାତାର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦିଆଯାଇଥିଲା । ମିଳିତ କାର୍ଯ୍ୟଯୋଜନାକୁ ଗ୍ରହଣ କରି ଭାରତ-ମଧ୍ୟପ୍ରାଚ୍ୟର ସହଯୋଗ ବୃଦ୍ଧିପାଇଁ ମତପ୍ରକାଶ ପାଇଥିଲା ।

ଜାତିସଂଘରେ ସଂସ୍କାର, ସୁରକ୍ଷା ପରିଷଦର ପୁନର୍ଗଠନ, ବିଶ୍ୱ ସମସ୍ୟାର ସମ୍ମୁଖୀନ ହେବାଲାଗି ମିଳିତ ବ୍ୟବସ୍ଥା ନିର୍ମାଣ, ଜାତିସଂଘର ନିରନ୍ତର ବିକାଶର ଲକ୍ଷ୍ୟ ପାଇଁ ଦୁଇରାଷ୍ଟ୍ର ପରସ୍ପରକୁ ସହଯୋଗ କରିବାକୁ ରାଜି ହୋଇଥିଲେ । ଦୁଇରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ରଣନୀତିକ ସହଯୋଗ ବୁଝାମଣା, ଦୋହରା ଟିକସ ହ୍ରାସ ପାଇଁ ବୁଝାମଣା, ଆର୍ଥିକ କ୍ଷେତ୍ରରେ ସହଯୋଗ, ଯୁବ ଓ କ୍ରୀଡା କ୍ଷେତ୍ରରେ ସହଯୋଗ, ଦଲିଲ ଓ ଅଭିଲେଖ କ୍ଷେତ୍ରରେ ସହଯୋଗ, ଦୁଇଦେଶ ମଧ୍ୟରେ ନିବେଶ ବୃଦ୍ଧି ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ଦଲିଲ ହସ୍ତାନ୍ତରିତ ହୋଇଥିଲା । ଭାରତର ଆତିଥ୍ୟ ପ୍ରଦାନ ପାଇଁ କାତାର ଆମିର କୃତଜ୍ଞତା ଜଣାଇଥିଲେ । ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ଅଧିକ ସହଯୋଗ ବୃଦ୍ଧିର ଆଶା କରାଯାଏ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଆମେରିକାର ବିଭିନ୍ନ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାର ମାଧ୍ୟମ ୟୁଏସ୍ଏଡ



ଡ. ସମନ୍ୱୟ ନନ୍ଦ

ଗୋରା ସାମ୍ରାଜ୍ୟବାଦୀ ଶକ୍ତି ମାନେ ବିଭିନ୍ନ ଦେଶ ଉପରେ ଶାସନ କରି ସେମାନଙ୍କ ସଂସ୍କୃତି ଉପରେ ଆକ୍ରମଣ କରିବା ସହ ଆର୍ଥିକ ଭାବେ ପ୍ରବଳ ମାତ୍ରାରେ ଶୋଷଣ କରିଥିଲେ । ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଏହି ସାମ୍ରାଜ୍ୟବାଦୀ ଶକ୍ତି ମାନଙ୍କ କବଳରୁ ବିଭିନ୍ନ ଦେଶ ମାନେ ସ୍ୱାଧୀନତା ଲାଭ କଲେ ସତ । ହେଲେ ଏହି ସାମ୍ରାଜ୍ୟବାଦୀ ଶକ୍ତି ମାନେ ଏହା ପରେ ମଧ୍ୟ ଏହି ଦେଶ ମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ଜାରୀ ରଖିଛନ୍ତି । ବିକାଶ, ମାନବିକ ଅଧିକାର, ଗଣତନ୍ତ୍ର ଆଦି ବିଭିନ୍ନ କଥା କହି ଏହି ଦେଶ ମାନଙ୍କରେ ଫଣ୍ଡିଂ କରି ଗୋରା ଦେଶ ମାନେ ସେମାନଙ୍କୁ ନିୟନ୍ତ୍ରିତ କରିବା ଓ ଉକ୍ତ ଦେଶ ମାନଙ୍କୁ ସେମାନଙ୍କ ସ୍ୱାର୍ଥ ସାଧନ କରିବା କାର୍ଯ୍ୟ ଜାରୀ ରଖିଛନ୍ତି ।ଡୋନାଲ୍ଡ ଟ୍ରମ୍ପ ଆମେରିକାରେ କ୍ଷମତାକୁ ଆସିବା ପରେ ଗତ ୨୯ ଜାନୁଆରୀ ଦିନ ୟୁନାଇଟେଡ ଷ୍ଟେଟ ଏଜେନ୍ସୀ ଫର ଇଂଟରନ୍ୟାସନାଲ ଡେଭଲପମେଣ୍ଟ (ୟୁଏସଏଡ)ର କାର୍ଯକଳାପ ଉପରେ କଟକଣା ଲଗାଇ ଦେଇଛନ୍ତି । ଏହା ପରେ ସାରା ବିଶ୍ୱରେ ଫଣ୍ଡିଂ କରୁଥିବା ଏହି ଆମେରିକୀୟ ଏଜେନ୍ସୀର କଳା କାରନାମା ଦିନକୁ ଦିନ ସାମନାକୁ ଆସୁଛି । ପ୍ରତିଦିନ ଏଥିରେ ନୂଆ ନୂଆ ଫର୍ଦ୍ଦ ଯୋଡି ହେବାରେ ଲାଗିଛି । ବିଭିନ୍ନ ଦେଶରେ ରହୁଥିବା ଓ ୟୁଏସଏଡର ଅର୍ଥରେ ଲାଭାନ୍ୱିତ ହେଉଥିବା ତଥାକଥିତ ଏନଜିଓକର୍ମୀ, ସାମ୍ବାଦିକ, ସାମାଜିକ କାର୍ଯକର୍ତା ମାନଙ୍କର ଅସଲ ରୂପ ମଧ୍ୟ ସମସ୍ତଙ୍କ ସାମନାକୁ ଆସୁଛି ।

ୟୁଏସ ଏଡ କିଭଳି ଅର୍ଥ ପ୍ରଦାନ କରି ସାରା ବିଶ୍ୱକୁ ପ୍ରଭାବିତ କରି ଆସିଛି ସେ ସମ୍ପର୍କରେ ଉଲ୍ଲେଖ କରାଗଲେ ଅନେକ ଲେଖା ଲେଖିବାକୁ ପଡିବ । ଆମେରିକା ୟୁଏସଏଡ ମାଧ୍ୟମରେ ବିଶ୍ୱର ବିଭିନ୍ନ ଦେଶ ମାନଙ୍କରେ ନିର୍ବାଚିତ ସରକାରକୁ ହଟାଇ ଥାଏ । ଏଥି ପାଇଁ ସମସ୍ତ ପ୍ରକାର ଫଣ୍ଡିଂ କରାଯାଇଥାଏ । ଏଭଳି କରି ସେ ତାକୁ ସମର୍ଥନ କରୁଥିବା ବ୍ୟକ୍ତିବିଶେଷକୁ ଉକ୍ତ ଦେଶରେ ଶାସକ ଭାବରେ ବସାଇଥାଏ । ୟୁଏସଏଡ୍ ର କାର୍ଯ୍ୟଧାରାକୁ ବୁଝିବା ପାଇଁ ଏହା କିଭଳି ଭାବେ ଆମ ଦେଶ ଭାରତ, ପଡୋଶୀ ଦେଶ ବଙ୍ଗଳାଦେଶ କାମ କରିଥିଲା ସେ ବିଷୟରେ ଜାଣିଲେ ଆମେ ସେମାନଙ୍କର କାର୍ଯ୍ୟ କରିବାର ଉପାୟ ଓ କିଭଳି ଭାବେ ଆମେରିକା ତାଙ୍କ ଦେଶରୁ ଥାଇ ଅନ୍ୟ ଦେଶ ଗୁଡିକୁ ନିୟନ୍ତ୍ରିତ କରିବାକୁ ଚେଷ୍ଟା କରିଥାଏ ତାହା ସହଜରେ ବୁଝି ପାରିବା । ପବ୍ଲିକ ଡୋମେନରେ ଯେଉଁ ତଥ୍ୟ ମାନ ରହିଛି ସେହି ତଥ୍ୟ ଆଧାରରେ ହିଁ ୟୁଏସଏଡର କାର୍ଯ୍ୟଧାରାକୁ ବୁଝିବାକୁ ଚେଷ୍ଟା କରିବା ।

ପ୍ରଥମେ ବଙ୍ଗଳାଦେଶ ବିଷୟରେ ଉଲ୍ଲେଖ କରିବା । ଗତ ବର୍ଷ ବଙ୍ଗଳାଦେଶରେ ନିର୍ବାଚିତ ସରକାର ଅର୍ଥାତ ଶେଖ ହସିନାଙ୍କ ସରକାରକୁ କ୍ଷମତାଚ୍ୟୁତ କରାଇବା ବା ରିଜିମ ଚେଂଜ କରାଇବାରେ ଏହି କୁଖ୍ୟାତ ୟୁଏସଏଡ ର ପ୍ରମୁଖ ଭୂମିକା ରହିଥିଲା । ଏହାର କାରଣ ଥିଲା ବଙ୍ଗଳାଦେଶର ପ୍ରଧାନମନ୍ତ୍ରୀ ଶେଖ ହାସିନା ଆମେରିକାକୁ ବଙ୍ଗଳାଦେଶରେ ଖୋଲାଖୋଲି ହସ୍ତକ୍ଷେପ କରିବାକୁ ଦେଇ ନ ଥିଲେ । ଆମେରିକା ୨୦୨୪ ମସିହା ସେପ୍ଟେମ୍ବର ୧୫ ତାରିଖରେ ପ୍ରକାଶିତ ସଣ୍ଡେ ଗାର୍ଡିଆନରେ ପ୍ରକାଶିତ ରିପୋର୍ଟ ଅନୁସାରେ ବଙ୍ଗଳାଦେଶରେ ରିଜିମ ଚେଂଜ ପାଇଁ ଆମେରିକା ୨୦୧୯ ମସିହାରୁ କାର୍ଯ୍ୟ ଆରମ୍ଭ କରି ଦେଇଥିଲା । ଆମେରିକାରୁ କାମ କରୁଥିବା ସରକାରୀ ଅନୁଦାନ ପ୍ରାପ୍ତ ଏଜେନ୍ସୀ ମାନଙ୍କ ଦ୍ୱାରା ଏହି କାର୍ଯର କ୍ରିୟାନ୍ୱୟନ କରାଯାଇଥିଲା । ଆମେରିକାରୁ ଫଣ୍ଡିଂ କରି ଏହି କାମ କରାଯାଇଥିଲା ଓ ଏହାକୁ ଛାତ୍ର ଆନ୍ଦୋଳନ ବୋଲି ପ୍ରଚାରିତ କରାଯାଇଥିଲା । ଶେଷରେ ଆମେରିକା ସଫଳ ହେଲା ଓ ଏକ ନିର୍ବାଚିତ ସରକାରକୁ ଗାଦିଚ୍ୟୁତ କରି ଦିଆଗଲା ଓ ହିନ୍ଦୁ ମାନଙ୍କ ଉପରେ ଦମନଲୀଳା ଆରମ୍ଭ ହୋଇଥିଲା ।

ସେହିପରି ଭାରତରେ ୟୁଏସଏଡ ଭାରତୀୟ ସମାଜକୁ ବିଭାଜିତ କରିବା ଓ ନିର୍ବାଚନକୁ ପ୍ରଭାବିତ କରିବାକୁ ଫଣ୍ଡିଂ କରୁଥିବାର ଦେଖିବାକୁ ମିଳିଥିଲା । ୨୦୦୪ରୁ ୨୦୧୩ ଯାଏ ୟୁଏସଏଡ ଭାରତ ସରକାରଙ୍କୁ ୨୦୪,୨୮ ମିଲିୟନ ୟୁଏସ ଡଲାର ପ୍ରଦାନ କରିଥିବା ବେଳେ ବିଭିନ୍ନ ଏନଜିଓ ମାନଙ୍କୁ ୨୧୧୪.୯୬ ମିଲିୟନ ୟୁଏସ ଡଲାର ପ୍ରଦାନ କରିଥିଲା । ହେଲେ ମୋଦୀ ସରକାର କ୍ଷମତାରେ ଆସିବା ପରେ ହଠାତ ଭାରତ ସରକାରଙ୍କୁ ୟୁଏସ ଏଡ ପକ୍ଷରୁ କରାଯାଉଥିବା ଫଣ୍ଡିଂ ହଠାତ ହ୍ରାସ ପାଇ ୧.୫୧ ମିଲିୟନ (୨୦୧୫ ଯାଏ) ହୋଇଯାଇଥିଲା ଓ କିନ୍ତୁ ଏନଜିଓ ମାନଙ୍କୁ ପ୍ରଦାନ କରାଯାଉଥିବା ୟୁଏସ ଏଡର ଫଣ୍ଡିଂ ବଢି ୨୬୭୯ ମିଲିୟନ ୟୁଏସ ଡଲାର ହୋଇଯାଇଥିଲା । ୟୁଏସଏଡ ପକ୍ଷରୁ ଗଣତନ୍ତ୍ର, ମାନବିକ ଅଧିକାର ଓ ଗଭର୍ଣ୍ଣାନ୍ସ ନାମରେ ଫଣ୍ଡିଂ କରାଯାଇଥିଲା । ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ଯାତ୍ରା ସମୟରେ ଅର୍ଥାତ ୨୦୨୨ ମସିହାରେ ଆଶ୍ଚର୍ଯ୍ୟଜନକ ଭାବେ ହଠାତ ଫଣ୍ଡିଂ ବୃଦ୍ଧି ପାଇଥିଲା । ଯଦି ଆମେ ସାର୍ବଜନୀନ ଡୋମେନରେ ଥିବା ତଥ୍ୟକୁ ଦେଖିବା ତେବେ ପାଇବା ଭାରତର ଲୋକ ମାନଙ୍କୁ ଖ୍ରିଷ୍ଟିଆନିଟିରେ କନଭର୍ଟ କରିବା କାମରେ ଲାଗିଥିବା କ୍ୟାଥୋଲିକ ରିଲିଫ ସର୍ଭିସ ନାମକ ଖ୍ରିଷ୍ଟିଆନ ମିଶନାରୀ ସଂସ୍ଥାକୁ ସର୍ବାଧିକ ୨୧୮ ମିଲିୟନ ଆମେରିକୀୟ ଡଲାର ଅର୍ଥ ଅନୁଦାନ ଭାବେ ପ୍ରାପ୍ତ ହୋଇଛି । ସେହିପରି କେୟାର ଇଂଟରନ୍ୟାସନାଲ ନାମକ ଏନଜିଓକୁ ମଧ୍ୟ ୨୦୮ ମିଲିୟନ ଆମେରିକୀୟ ଡଲାର ଅନୁଦାନ ପ୍ରାପ୍ତ ହୋଇଛି । ଓସିସିଆରପି ନାମକ ଏକ ପ୍ରକଳ୍ପକୁ ମଧ୍ୟ ୟୁଏସଏଡ ପକ୍ଷରୁ ବିପୁଳ ଧନରାଶି ଅର୍ଥାତ ୪୭ ମିଲିୟନ ଆମେରିକୀୟ ଡଲାର ପ୍ରାପ୍ତ ହୋଇଛି । ଆଉ ଏକ ବଡ ଆଶ୍ଚର୍ଯ୍ୟର କଥା ହେଲା ଯେ ଓସିସିଆରପି ପ୍ରଜେକ୍ଟ ଜରିଆରେ ଅନେକ ରିପୋର୍ଟ ଲେଖା କରାଯାଇଥିଲା ଓ ସବୁ ରିପୋର୍ଟ ଗୁଡିକ ନରେନ୍ଦ୍ର ମୋଦୀ ସରକାରଙ୍କ ବିରୁଦ୍ଧରେ ଥିଲା । ଏହି ରିପୋର୍ଟ ଗୁଡିକୁ ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦୀ ସରକାର ବିରୁଦ୍ଧରେ ବ୍ୟବହାର କରାଯାଇଥିଲା । କେବଳ ସେତିକି ନୁହେଁ ୟୁଏସଏଡ ପକ୍ଷରୁ ଭାରତୀୟ ସାମ୍ବାଦିକ ମାନଙ୍କୁ କଥିତ ରୁପେ ପ୍ରଶିକ୍ଷଣ ଦିଆଯାଇଥିଲା ଯାହାର ମୂଳ ଉଦ୍ଦେଶ୍ୟ ଥିଲା ଏହି ସାମ୍ବାଦିକ ମାନଙ୍କ ଜରିଆରେ ମିଡିଆ ନ୍ୟାରେଟିଭକୁ ପ୍ରଭାବିତ କରିବା ।

ଭାରତରେ କିଭଳି ଭାବେ ଭୋଟ ପ୍ରତିଶତ ବଢା ଯିବ ଏଇଥି ପାଇଁ ମଧ୍ୟ ଆମେରିକାର ୟୁଏସ ଏଡ ପକ୍ଷରୁ ବିପୁଳ ଅର୍ଥ ଭାରତରେ ଖର୍ଚ୍ଚ କରାଯାଇଥିବାର ରିପୋର୍ଟ ଆସୁଛି । ଏ ସମ୍ପର୍କରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶ୍ନ କରିଛନ୍ତି ଯେ ଖୋଦ ଆମେରିକାରେ ଭୋଟ ଦାନର ପ୍ରତିଶତ ଏତେ କମ ଥିବା ବେଳେ ଏହି ଅର୍ଥ ଆମେରିକାରେ ଖର୍ଚ୍ଚ କରାଯାଇ ଭୋଟ ଦାନର ପ୍ରତିଶତକୁ ବଢାଇବାକୁ ପ୍ରୟାସ କାହିଁକି କରାଯାଉ ନ ଥିଲା । ଭାରତରେ କାହିଁକି କରାଯାଉଥିଲା ?

ଗଣମାଧ୍ୟମରେ ପ୍ରକାଶିତ ହୋଇଥିବା ବିଭିନ୍ନ ଅନୁସନ୍ଧାନମୂଳକ ରିପୋର୍ଟରେ ଯେଉଁ ତଥ୍ୟ ସାମନାକୁ ଆସୁଛି ତାହା ଅତ୍ୟନ୍ତ ବିପଜ୍ଜନକ । ୟୁଏସଏଡ ପକ୍ଷରୁ ଭାରତର ୫୪ଟି ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଫଣ୍ଡିଂ କରାଯାଇଛି । ଏମାନଙ୍କ ମଧ୍ୟରେ ଏନଜିଏଓ, ମିଡିଆ ସଂସ୍ଥା, ଶୈକ୍ଷଣିକ ସଂସ୍ଥା ଓ ବ୍ୟକ୍ତିବିଶେଷ ମାନେ ଅଛନ୍ତି । ଫଣ୍ଡିଂ କରାଯାଇଥିବା ଏହି ସଂସ୍ଥା ଓ ବ୍ୟକ୍ତିବିଶେଷ ମାନେ ଭାରତ ବିରୋଧୀ ନ୍ୟାରେଟିଭ ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିଥାନ୍ତି । ଏହି ଫଣ୍ଡିଂର ଅସଲ ଉଦ୍ଦେଶ୍ୟ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଅସ୍ଥିର କରିବା, ଭାରତର ସାମ୍ବିଧାନିକ ସଂସ୍ଥାଗୁଡିକୁ ଦୁର୍ବଳ କରିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୁଦ୍ଧରେ ଦୁଷ୍ପ୍ରଚାର କରିବା । ୟୁଏସ ଏଡ ପକ୍ଷରୁ ଫଣ୍ଡିଂ କରାଯାଇଥିବା ଏଥି ମଧ୍ୟରୁ ଅଧିକାଂଶ ସଂସ୍ଥା ଓ ବ୍ୟକ୍ତିବିଶେଷ ଦିଲ୍ଲୀ ଆଧାରିତ । ତେଣୁ ଭାରତ ଓ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୁଦ୍ଧରେ ସର୍ବାଧିକ ଷଡଯନ୍ତ୍ର ଦିଲ୍ଲୀରୁ ହିଁ ହେଉଥିଲା ।

ଶେଷରେ ଗୋଟିଏ କଥାର ଉଲ୍ଲେଖ କରିବା ଅତ୍ୟନ୍ତ ଜରୁରୀ ମନେ ହେଉଛି । ଆମେରିକା ଓ ଅନ୍ୟ ଗୋରା ଦେଶ ମାନେ ବିଭିନ୍ନ ମାଧ୍ୟମରେ ଅନ୍ୟ ସାର୍ବଭୌମ ଦେଶ ମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁଥିବାର ଅଭିଯୋଗ ବାରମ୍ବାର ହୋଇ ଆସୁଛି । ହେଲେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧନ୍ୟବାଦ ଦେବାକୁ ପଡିବ ଯେ ସେ ଆମେରିକା ଦ୍ୱାରା ବିଭିନ୍ନ ଦେଶରେ ବିକାଶ, ମାନବିକ ଅଧିକାର, ଗଣତନ୍ତ୍ର ଓ ଅନ୍ୟ ବାହାନାରେ ଯେଭଳି ଭାବେ ହସ୍ତକ୍ଷେପ କରାଯାଉଥିଲା ଓ ବିପୁଳ ମାତ୍ରାରେ ଧନରାଶି ସେହି ଦେଶରେ ଖର୍ଚ୍ଚ କରାଯାଉଥିବା ତା ଉପରୁ ନିଜେ ପରଦା ଉଠାଇ ଦେଇଛନ୍ତି । ତେଣୁ ସେ ନିଶ୍ଚିତ ଭାବେ ଧନ୍ୟବାଦର ପାତ୍ର ।

ଟ୍ରମ୍ପ ତାଙ୍କ ଦେଶରୁ କରାଯାଉଥିବା ଏହି କଳାକାରନାମା ଉପରୁ ପରଦା ଉଠାଇ ଦେଇଛନ୍ତି । ଏବେ ପରବର୍ତୀ କାମ ଭାରତକୁ କରିବାର ଅଛି । ୟୁଏସଏଡରୁ ଲାଭାନ୍ୱିତ ହୋଇଥିବା ଏହି ସଂସ୍ଥା ଓ ବ୍ୟକ୍ତିବିଶେଷ ମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କର ପରଦାଫାଶ କରାଯିବାର ଆବଶ୍ୟକତା ରହିଛି । ଭଦ୍ର ମୁଖା ପିନ୍ଧି ମାନବାଧିକାର, ଗଣତନ୍ତ୍ର ଆଦିର କଥା କହି ବିଦେଶୀ ଅର୍ଥରେ ନାଚୁଥିବା ଏହି ସଂସ୍ଥା ଓ ବ୍ୟକ୍ତିବିଶେଷ ମାନେ କିଏ ତାହା ଉପରେ ପରଦା ଉଠାଇବାର ଆବଶ୍ୟକତା ରହିଛି । ସେମାନେ କିଭଳି ଭାବେ ବିଦେଶରୁ ଅର୍ଥ ପାଇ ଭାରତ ବିରୁଦ୍ଧରେ କାମ କରୁଥିଲେ ଓ କଣ କଣ କରୁଥିଲେ ତାହାର ରହସ୍ୟୋଦଘାଟନ ହେବା ଜରୁରୀ । କାରଣ ଏହା ଦେଶର ସୁରକ୍ଷା ସହ ଜଡିତ ପ୍ରସଙ୍ଗ।

*ଦୂରଭାଷ : ୯୪୩୮୪୧୩୭୦୪*

## ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

ପୁଷ୍ପାରାଣୀ ପଟେଲ



ଭାଗ-୫୫

**ପୂର୍ବାଭାଷ ସହ କିଛି ପାଦ ଆଗକୁ -**

*ଜୀବନରେ କେତେ ସମ୍ପର୍କ ଆସନ୍ତି, କେତେ ପୁଣି ଅବେଳରେ ହଜି ବି ଯାଆନ୍ତି ଓ ଆଉ କିଛି ସମ୍ପର୍କ ଆମେ ଜାଣିଶୁଣି ହଜାଇ ଦେବାକୁ ବାଧ୍ୟ ହେଉ। କିଛି ଆସନ୍ତି କେବଳ ସ୍ୱାର୍ଥ ସିଦ୍ଧି ପାଇଁ। କିଛି ପୁଣି ଆସନ୍ତି ନିଃସର୍ତ୍ତରେ ଭଲ ପାଇବା ଅଜାଡି ଦେଇ ଲୁଚି ଯିବା ପାଇଁ। ସମ୍ପର୍କର ଏଇ ଚକ୍ରବ୍ୟୁହରୁ, ବାହାରିଲି ... ବାହାରିଲି .... ଭାବି ବିତୁଥାଏ ମଣିଷର ଜୀବନ ...। ସରୁଥାଏ ଆୟୁଷ। ଫିଟୁଥାଏ ନିଜର କୋଣ ଅନୁକୋଣରେ ଲୁଚିଥିବା ସୂକ୍ଷ୍ମ ଭାବନା ସବୁ ନିଜରି ପାଖରୁ। ସରେନି, କେବେ ଦୁଃଖରେ ଭାଙ୍ଗି ପଡିବା ତ ପୁଣି କେବେ ପ୍ରାପ୍ତିର ପୁଲକରେ ବିଭୋର ହେବା।*

*କେବେକେବେ ଆମ ଭାବନାରେ ବ୍ରେକ୍ କଷି ଆମକୁ ଚମ୍‌କାଇ ଦେଇ ପଶିଆସେ ମହାମାରୀ। ମହାମାରୀ ଆସେ ନାହିଁ ତ ଝାଡି ଦେଇ ଯାଏ ଆମ ମନ ଭିତରେ ଜମି ରହିଥିବା ପରସ୍ତ ପରସ୍ତ ଅଳନ୍ଦୁ। ମୁଖା ଖୋଲିଯାଏ ନିଜରି ମୁହଁରୁ, ଦର୍ପଣ ସାମ୍ନାରେ ଠିଆ ହେଉ ହେଉ, ବିଭତ୍ସ ଦିଶେ ନିଜରି ମୁହଁ। ବିକାର ଭାବ ଗ୍ରାସେ। ମନ କୁହେଁ, 'ଓଃ ... ଏଇ ନା ମୁଁ! ଏତେ ସ୍ୱାର୍ଥପର! ଦୁନିଆଁକୁ ଆଜି ଯାଏଁ ଦେଖାଉଥିଲି ମୁଁ ବଞ୍ଚେ ଅନ୍ୟମାନଙ୍କ ପାଇଁ, ତେବେ ସତରେ ମୁଁ କ'ଣ ବଞ୍ଚେ ଅନ୍ୟମାନଙ୍କ ପାଇଁ? ନା ତ! ବରଂ ମୁଁ ବଞ୍ଚେ ମୋ' ପାଇଁ, କେବଳ ମୋ' ପାଇଁ। ହଁ, ଆତ୍ମୀୟ ସ୍ୱଜନ ମୋ'ର ସ୍ୱାର୍ଥ ପୂରଣ ଅଭିଳାଷାରେ ସହାୟକ ହେଉଥିବା ଯାଏଁ ଆପଣାର ପରି ମନେ ହୁଅନ୍ତି ମୋତେ, ତେବେ ଦୁଃଖ ଓ ବିପତ୍ତି ଆସିଲେ ପ୍ରଥମେ ମୁଁ ମୋ' ନିଜକୁ ରଖେ। ନିଜ କଥା ଭାବେ'*

*ଏକଥା ବି ସତ, ନିଜକୁ ଭଲ ନପାଇଲେ ନିଜେ, କେଉଁ ଭଲ ପାଇ ହୁଏ ଅନ୍ୟକୁ? ଏସବୁ ଖୁବ୍ ସୂକ୍ଷ୍ମ ଅନ୍ତର୍ଚେତନାର କଥା। ବୁଝିବା ପାଇଁ ବେଶ୍ ନିରୋଳା ସମୟ ଲୋଡା। ଏ ବ୍ୟସ୍ତବହୁଳ ପ୍ରତିଦ୍ୱନ୍ଦ୍ୱିତା ଭରା ଜୀବନ ଦୌଡରେ କେଉଁ ମିଳିପାରେ ସେଭଳି ସମୟ! ତେଣୁ ହୁଏତ ଈଶ୍ୱର ରଚନ୍ତି ମହାମାରୀ। କେବେ ଦିନେ ହଇଜା, ପୁଣି କେବେ ଦିନେ କରୋନା : କୋଭିଡ୍ ନାଇନ୍‌ଟିନ୍।*

*ସତରେ ଏ ମହାମାରୀ କ'ଣ ଲେଖକଟିକୁ ନିଜ ଭିତରର ନିଜଟି ସହିତ କରେ କି ଆମ୍ନା ସାମ୍ନା? କିଛି ବ୍ୟତିକ୍ରମ ମଧ୍ୟ ଥାଏ କି ଲେଖକଟିର ଓ ସାଧାରଣ ମଣିଷଟିର ମହାମାରୀକୁ ଭୋଗିବାର ବାଟ? କ'ଣ କ'ଣ ସତରେ ଛାଡିଯାଏ ମହାମାରୀ ତା'ର ଆସିବା ଓ ଫେରିଯିବା ଭିତରେ!!*

***(ପୂର୍ବପ୍ରକାଶ ଉତ୍ତାରୁ)***

ଯଦି ବୁଝିପାରନ୍ତି ସେମାନେ ସଭ୍ୟତାର ଦୌଡରେ ଯେତେ ବି ଆଗକୁ ଚାଲିଯାଉ ମଣିଷ ସମାଜ, ତେବେ ପ୍ରକୃତିର ଅବଦାନକୁ ଅବଜ୍ଞା କଲେ ଅସୁବିଧା।

ଆକାଶ ଛୁଇଁବାର ଆସ୍ପର୍ଦ୍ଧା ସେ (ମଣିଷ) କରୁ କିନ୍ତୁ ଭୁଲି ନଯାଇ ମା' ମାଟି ବସୁଧାକୁ। ଘରେ ନିଜର ଆଭିଜାତ୍ୟ ଓ ଅଭିମାନର ପରିପୂରଣ ପାଇଁ ଭରିଦେଉ ଭଳିକି ଭଳି ଅତ୍ୟାଧୁନିକ ଯାନ୍ତ୍ରିକ ଉପକରଣ କିନ୍ତୁ ମନେ ରଖଉ ଯେ ଘର ଅଗଣାର ଚଉରାରେ ତୁଳସୀ ଗଛଟିଏ ନଥିଲେ ସବୁ ଫାଙ୍କା। ସବୁ ଅସୁନ୍ଦର। ଘରକୁ ସଜେଇବା ପାଇଁ ଯେତେ ସୁନ୍ଦର ଆର୍ଟିଫିସିଆଲ ପ୍ଲାଣ୍ଟ ସେ ଲଗାଉନା କାହିଁକି, ତା'ର ତୁଳନା କ'ଣ ହେଇପାରିବ ଘରବାରିରେ ଲାଗିଥିବା ସବୁଜ ସାଗ କିଆରି ସହିତ। ଯେତେଯେତେ ବି ଖୋଲୁଥାଉ ଦାମୀ ରେଷ୍ଟୁରାଣ୍ଟ ... ମିଳୁଥାଉ ଭଳିକି ଭଳି ଲୋଭନୀୟ ଫାଷ୍ଟଫୁଡ୍, ତେବେ ତା କଣ ହେଇପାରିବ ମା ହାତ ତିଆରି ଚକୁଳି ପିଠାପରି ସୁଆଦିଆ।

ମୋ' ଝିଅକୁ ମୁଁ ବୁଝାଇଦେବି ଯେ ଏସବୁ କଥା, ହେଲେ ଟିକିଏ ସମୟ ଲୋଡା। ଅଧୈର୍ଯ୍ୟ ହେଲେ ଚଳିବନି। ମା' ହେଇ ମୁଁ ତାକୁ ସୁଧାରି ନପାରିଲେ ସୁଧାରିବ କିଏ? ଦେଖୁନ, ଆଗରୁ ସେ କେତେ ବିଗୁଡୁଥିଲା ସାଇକୁ। ଏବେ କିନ୍ତୁ ବଡ ଭାଇ ପରି ଗ୍ରହଣ କରୁଛି ଧୀରେ ଧୀରେ। ମୁଁ ତ କେବେ ତାକୁ କିଛି କହେନି, ଏସବୁ କଥା ... ତୁମ କଥା ଅମ୍ଳାନ...। ତଥାପି ବୋଧହୁଏ ସେ କିଛି କିଛି ଅନୁମାନ କରିଛି ନା' କ'ଣ କେଜାଣି? ସେଦିନ ତା' କଥା ଶୁଣି ମୁଁ ଯାହା ଅନୁଭବ କଲି ସେକଥା କହିଦିଏ ତୁମକୁ। ଶୁଣ -

ଦୁଇଦିନ ହେଲା ମୁଁ କିଛି ଲେଖା ଲେଖି କରୁନଥିଲି। ତିନି ନମ୍ବର ଦିନ ବି ଯେତେବେଳେ ପଢ଼ା ଟେବୁଲ ପାଖକୁ ଗଲିନି, ସେ ପଚାରିଲା -

- ଦେହ ଭଲ ନାହିଁ କି ମାମା?

- ନାଇଁ... ଠିକ୍ ଅଛି ତ ... କ'ଣ ହେଲା କି?

- ଦି' ଦିନ ହେଲା କିଛି ଲେଖୁନ ଯେ...।

- ଓଃ ... ସେଇକଥା। ଲେଖାଟା କ'ଣ ସେମିତି ମନକଲେ ଲେଖିହୁଏ?

- ତା' ହେଲେ ମନ ଭଲ ନାହିଁ ତୁମର?

- ବଡ ବୁଦ୍ଧିଆ ହେଇଗଲୁଣି ତ!

- ମୁଁ ତ ଜନ୍ମରୁ ହିଁ ବୁଦ୍ଧିଆ! ତୁମେ ଜାଣି ପାରିନ ଯାହା! ମୋ' କଥା କେବେ ଶୁଣିଲେ ସିନା ଜାଣିପାରନ୍ତ। ତୁମେ ତ ଖାଲି ସାଇ ସହିତ କଥା ହେବ। ମୋ' ପାଇଁ ତୁମର ସମୟ କାହିଁ ଯେ!

- ଆରେ ନା! କରୋନା ସମୟରେ ଏକୁଟିଆ ସେଇ ସହରରେ ଅଛି। ମା' ବୋଲି ଡାକିଛି, ଯେତେବେଳେ ତା' ଭଲ ମନ୍ଦ ପଚାରି ବୁଝିବା ମୋର କର୍ତ୍ତବ୍ୟ ନା?

- ମଜା କରୁଥିଲି ମାମା! ଡୋଣ୍ଟ ବି ସୋ. ସିରିୟସ୍!

ମନ ଭଲ ନାହିଁ କହୁଥିଲ। ଯାଉନ ବାପାଙ୍କ ସାଥିରେ ଭୁବନେଶ୍ୱର, ପୁରୀରୁ ଦୁଇଦିନ ବୁଲିଦେଇ ଆସ। ମନ ଭଲ ହେଇଯିବ, ଦେଖିବ।



- ତୋ' ବାପା କ'ଣ ହଁ କହିବେ?

- କାହିଁକି କହିବେନି ଯେ? ଏବେ ତ କରୋନା କଟକଣାରେ କେତେ କୋହଳ ହେଲାଣି। ଲୋକ ତ କେତେ କୁଆଡେ ବୁଲିବାକୁ ଯାଉଛନ୍ତି। ମୁଁ କହିବି କି ବାବାଙ୍କୁ?

- ନା... ନା... ଥାଉ ଏବେ। ଯିବାକୁ ହେଲେ ମୁଁ କହିବିନି କି?

ଏମିତି କହିଲି ସିନା। ତେବେ ବଡ ଝିଅ ଲାଗିଲା ଅମ୍ଳାନ। ସେ ତା ନିଜ ଆଡୁ କହିଲା ମୋତେ "ଭୁବନେଶ୍ୱର ଯାଅ"।

ଗତକାଲି ତ ଠିକ୍ ଥିଲି। ଅଥଚ ଅଧରାତି ବେଳକୁ ଦେହସାରା ତାତି। ଦେହରୁ ଝାଳ ବହିଗଲା ଗମ୍‌ଗମ୍ କରି।

'ମୋତେ କ'ଣ କରୋନା ହେଇଗଲା କି?'

ଦେଖିଲି ଝିଅ ଶୋଇ ପଡିଛି ନିଘୋଡ ନିଦରେ। ମୁଁ ଉଠିଗଲି ପାଖ ରୁମ୍‌କୁ। 'ମୋର ଯାହା ହେଉଛି ହେଉ। ସେ ଠିକ୍ ଥାଉ!'

ଏପଟ ସେପଟ ଯେତେ ହେଉଛି ... ନିଦ ହେଉନି ଜମାରୁ। ମନରେ ଚିନ୍ତା କରୁଥିବା ଜିନିଷ ସବୁ ଏମିତି ସତକୁ ସତ ଘଟିଯାଏ କି ଜୀବନରେ?

ଝିଅ ତ କହୁଥିଲା - 'ମୋ'ର ଇମ୍ୟୁନ୍ ସିଷ୍ଟମ ଖୁବ୍ ଷ୍ଟ୍ରଙ୍ଗ।' ପୁଣି ମୋ' ଦେହ ହିଁ ଖରାପ ହେଲା କେମିତି ଯେ?

'ଚିନ୍ତା ଓ ଆଶଙ୍କା ମଣିଷକୁ ଅନ୍ତରରୁ ଦୁର୍ବଳ କରିଦିଏ କି? ବୋଧେ...!' ମୁଁ ଯେ କେବେ କେମିତି କଲେଜକୁ ଯାଉଛି, ଅଥଚ ମୋ'ର ଅବସ୍ଥା ଏଭଳି। ସାଇ କହୁଥିଲା - ତୁମେ ଯେ କେବେଠୁ ତୁମ ଅଫିସ୍‌କୁ ଯାଉଛ...! ଏମିତି ସମୟରେ ଯଦି ମୁଁ ରହିପାରିଲିନି ତୁମ ପାଖରେ ... ତୁମ ଦେହ, ମନର ଯତ୍ନ ନେଇ ପାରିଲିନି, ତେବେ ନିଜକୁ ତୁମର ପ୍ରେମିକା କହି ଗର୍ବ କରିବି କେମିତି ଯେ? ମୋ' ମନ କହୁଛି - 'ତୁମେ ଠିକ୍ ଅଛ...। ତୁମେ ଭଲରେ ଥାଅ...।'

ସକାଳୁ ଉଠି ଝିଅ ଶୁଣିଲା, ଗତ ରାତି ଦେହରେ ଜ୍ୱର ଆସିଥିବା କଥା। ବୁଢ଼ୀଟିଏ ପରି, ମା'ଟିଏ ପରି ପାଖରେ ବସି ବୁଝାଇଲା ମୋ'ତେ - 'ତୁମେ ସବୁ କଥାକୁ, ଏତେ ଚିନ୍ତା କରୁଛ କାହିଁକି? ଯାହା ହେବାର ଥିବ, ତା' ତ ହେବ। ଏମିତି ଡରିଲେ ଚଳିବ?

- ହଉ!

- ହଉ ନୁହେଁ! ଚାଲ ଏବେ।

- କୁଆଡେ?

- କୁଆଡେ କ'ଣ? ଡାକ୍ତରଙ୍କ ପାଖକୁ। ଏଭଳି ସମୟରେ କଣ ଦେହକୁ ନେଗଲେକ୍ଟ କଲେ ଚଳିବ।

- ହଉ ... ହଉ ... ଯିବା। ରାତି ଔଷଧ ଖାଇଥିଲି। ଏବେ ଭଲ ଲାଗୁଛି। ଯଦି ପୁଣି ଜ୍ୱର ଆସେ। ତେବେ ଯାଇ ଦେଖାଇ ଆସିବି, ହେଲା।

- ନା! ହେଇନି। ତୁମେ ମିଛ କହୁଛ। ମୁଁ ଦେଖେ... ତୁମ ଦେହରେ ଜ୍ୱର ଅଛି ନା ନାଇଁ।

ଏସବୁ ଚଳିବନି ମାମା! ତୁମେ ଠକୁଛ ମୋ'ତେ!

***(କ୍ରମଶଃ)***

---

## ବିଶେଷ କବିତା

### ମୋ ମାତୃଭାଷା

ସଂଶୟ କୁମାର ସାହାଣୀ



ମନର ଭାବନା ବୁଝାଇ ପାରେ ଯେ
ସିଏ ଆମ ମାତୃଭାଷା
ମା' କୋଳେ ଥାଇ ମା' ଠାରୁ ଶିଖୁ
ସର୍ବଦା ଦିଏ ଭରଷା !

ସାରା ପୃଥିବୀ ରେ ଯେତେ ଭାଷା ଅଛି
ମାତୃଭାଷାଟି ମଧୁର
ହଜାର ଭାଷାକୁ ଆଦରି ନେଲେ ବି
କେହି ନୁହେଁ ସମ ତାର !

ମୋ ମା' ର ଭାଷା ମୋ ରାଜ୍ୟର ଆଶା
ମାତୃଭାଷା ମୋ ଓଡ଼ିଆ
ପ୍ରତି ଉଚ୍ଚାରଣେ ଅମୃତ ଝରଇ
ଲାଗଇ ଭାରି ବଢ଼ିଆ !

ପହିଲି ଓଠର ପ୍ରଥମ ଶବ୍ଦ ସେ
ଭାବର ଅଯ ଆରମ୍ଭ
ମା' ଶବ୍ଦ ଠାରୁ ଶୁଭାରମ୍ଭ ହୁଏ
ବଢ଼ାଏ ମନରେ ଦମ୍ଭ !

ମାତୃଭାଷା ପାଇଁ ଆମେ ଯେ ଗର୍ବିତ
ଲାଗେ ଭାରି ସୁଆଦିଆ
ଯେଉଁଠି ଥିଲେ ବି ଆସେ ମନେ ଗର୍ବ
କହିଲେ ଆମେ ଓଡ଼ିଆ !

ଥାଅ ନିଜ ଦେଶେ ଅବା ବିଦେଶରେ
କର ମାତୃଭାଷା ଉଚ୍ଚ
ଓଡ଼ିଆକୁ କହି ଓଡ଼ିଆକୁ ଜପି
ଜୀବନକୁ କର ସ୍ୱଚ୍ଛ !

ଆମ ପ୍ରିୟ ଭାଷା ସ୍ୱତନ୍ତ୍ର ଶାସ୍ତ୍ରୀୟ
ଉଦ୍ଭବ ଉଡ୍ର ଭାଷାରୁ
ସାହିତ୍ୟ ସଂସ୍କୃତି ଅଟଇ ମହାନ
ହୃଦୟରୁ ଗର୍ବ କରୁ !

ଜାତିର ଉନ୍ନତି ହୋଇଥାଏ ସିନା
ଭାଷାର ଉନ୍ନତି ହେଲେ
ମାତୃଭାଷା ପ୍ରୀତି ହୃଦରେ ରହିଲେ
ଦେଶ ପ୍ରେମ ବଢ଼ି ଚାଲେ !

ଜ୍ଞାନୀ ହେବା ପାଇଁ ବିଦେଶୀ ପୁସ୍ତକ
ପଠନ ରେ ମନା ନାହିଁ
ମାତୃଭାଷା ପ୍ରିତୀ ହୃଦରେ ରହିଲେ
ବିଷାଦ ଆସିବ କାହିଁ !

ସବୁ ଭାଷା ପଢ଼ି ପ୍ରତି ଭାଷା ଜାଣି
ନିଜକୁ ଜ୍ଞାନୀ କରିବା
ସଦା ମାତୃଭାଷା ଓଡ଼ିଆକୁ ଜପି
ସଚ୍ଚା ଓଡ଼ିଆ ହୋଇବା !

*ଅଲଣା -୨, ନାଉଗାଁ ହାଟ, ଜଗତସିଂହପୁର*
*ଦୂରଭାଷ : ୭୯୭୮୧୫୬୩୩୮*

### ନୀପ ତରୁ ମୂଳିଆ

ପ୍ରଫେସର ଡକ୍ଟର ଅର୍ଜ୍ଜୁନ ଚନ୍ଦ୍ର ବାରିକ୍



ଶ୍ରୀଧର ଦୀନ ବାନ୍ଧବ ମାଧବ ।
ମାନିନୀ ଶ୍ରୀରାଧାର ପ୍ରାଣ ଧବ ।।
ନମୋ ନାରାୟଣ ପତିତ ତ୍ରାଣ ।
ସତ୍ୟ ସନାତନ ଗରୁଡ଼ାସନ ।।
ନାଦ ବ୍ରହ୍ମ ହରି କମଳା ବର ।
ତରକକୁ ଦୂର ନନ୍ଦ କୁମର ।।
ନୟନାଭିରାମ ପୁରୁଷୋତ୍ତମ ।
ବିଶ୍ୱ ପ୍ରାଣ ଯାର ପାବନ ଧାମ ।।
ଶ୍ୱାସ ପ୍ରଶ୍ୱାସରେ ଯେ ଅବସ୍ଥିତ ।
ଲୟ ଲଗା ମନ ତା ପଦାଗ୍ରତ ।।
ସାରଥି ପାର୍ଥ ରଥର କେଶବ ।
ଦୋଳ ଗୋବିନ୍ଦ ପ୍ରଭୁ ବାସୁଦେବ ।।
ସର୍ବ ଅନ୍ତର୍ଯ୍ୟାମୀ ପରମାନନ୍ଦ ।
ଉତ୍ପତ୍ତି ସ୍ଥିତି ପ୍ରଳୟ ଯା ଛନ୍ଦ ।।
ତୁଟେ ଭବ ଭୟ କଲେ ବନ୍ଦନ ।
ନୀପ ତରୁ ମୂଳିଆ ଜନାର୍ଦ୍ଦନ ।।

*ମହୁ, ଆଲ୍,କେନ୍ଦ୍ରାପଡ଼ା*
*ଦୂରଭାଷ:୯୯୩୭୯୯୦୫୯୯*

### କବିତା ଲେଖୁଥିବା ପୁଅ

ବର୍ଷାରାଣୀ



କବିତା ଲେଖୁଥିବା ପୁଅ
ବେଶୀ ଦିନ ନୁହଁ ଏଇ ଏବେ ଏବେ ଲେଖୁଛି
କେଜାଣି କଣ ଲେଖୁଛି ?
ହଁ କିନ୍ତୁ ସେ ଖୁବ୍ ଲେଖୁଛି।

ଆଜିକାଲି କିନ୍ତୁ ତାକୁ ଲାଇବ୍ରେରୀରେ ଖୁବ୍ ଦେଖିବାକୁ ମିଳୁଛି।
ଲାଇବ୍ରେରୀରେ ବସି ସୁଦ୍ଧା କେଉଁ ମୁକ୍ତ ହେଉଛି ?
ସେ ତ ଯେଉଁଠି ତାକୁ କବିତା ଖାଲି ଗୋଡ଼ାଉଛି
କେଜାଣି କବିତା ବି କଣ ଚାହୁଁଛି ?

କବିତା ଲେଖୁଥିବା ପୁଅ ରବିବାର ଆସିଲା ମାତ୍ରେ
ଅଣ୍ଡାଳି ହୁଏ ସମ୍ବାଦ, ସମାଜ, ପ୍ରଗତିବାଦୀ, ପ୍ରମେୟ
କାଳେ ତା କବିତା କେଉଁଠି ହଠାତ୍ ଦେଖା ହୋଇଯିବ
ଆଉ ନିଜକୁ ବୋଲାଇବ ସେ ଦ୍ୱିତୀୟ ଈଶ୍ୱର।

ଭାଗ୍ୟ ତାକୁ କଣ କରିବ କେଜାଣି
କବିତା କଣ ତା ପେଟକୁ ଦାନା ଦେଇପାରିବ ?
କବିତା କଣ ତାର ସ୍ୱପ୍ନ ପୁରା କରିପାରିବ ?
କବିତା କଣ ତା ରୋଗୀଣା ମାଁ କୁ ଠିକ୍ କରିପାରିବ ?

କବିତା କଣ ତାକୁ ଫେରେଇ ଦେଇ ପାରିବ ମୁଣ୍ଡ ଉପରେ ତା ବାପାର ହାତକୁ ?
ତାହାଲେ ତା ଜୀବନରେ କବିତା କାହିଁକି ?

କୁରେଇ ଫୁଲ ମାନେ ଯେବେ ଦେଖନ୍ତି ତାକୁ
ଏଇ ବାଟେ ଯିବାର,
ଯେତିକି ଫୁଲ ମାନେ ଲାଜ କରନ୍ତିନି
ସେତିକି ଲାଜେଇ ଯାଏ
ଏଇ କବିତା ଲେଖୁଥିବା ପୁଅ।

କବିତା ଲେଖୁଥିବା ପୁଅ ଖୁବ୍ କମ୍ କହେ
ଯେତେ କହେ ଖୁବ୍ ମିଷ୍ଟ
ଅବଶ୍ୟ ସେ ଟିକେ ଦୁଷ୍ଟ,
ତା ବ୍ୟବହାରରେ ସୁକୁମାରୀ ସଂସ୍କାରୀ ଝିଅ ହାରିଯିବ
କବିତା ଲେଖୁଥିବା ପୁଅ ଯଦିଓ କଳ୍ପନାରେ ଲେଖେ କେବେକେବେ,
ବଞ୍ଚେ କଠୋର ବାସ୍ତବତାରେ..

କବିତା ଲେଖୁଥିବା ପୁଅ ଖୁବ୍ ହସେ
ହସ ପଛରେ ଦରଦ ଲୁଚାଇ
ଖୁବ୍ ମିଶେ ଅନ୍ତରେ ସମ୍ପୂର୍ଣ୍ଣ ଏକଲା ହୋଇ
କମ୍ କହେ ଗପ ସବୁକୁ ଛାତିରେ ରଖି
କେତେ ସହିପାରେ ଇମୋସନ୍ ସବୁକୁ ଭିତରେ ପୋତି।

କବିତା ଲେଖୁଥିବା ପୁଅ କାନ୍ଦେ
ବାଥରୁମ୍‌ର ସ୍ୱାୱାର୍ ତଳେ
ଯେବେ ବାହାରେ ଲାଗେ ଯେମିତି କିଛି କମି ନାହିଁ
କମି ସବୁକୁ ଲୁଚାଇ ଦିଏ ସେଇ ବାଥରୁମ୍‌ର କେଉଁ କୋଣରେ।

ଲେଖେ ଦୁନିଆ ଯାକର କଥା
ହେଲେ ଲେଖିପାରେନା ନିଜର କଥା
ତାର ଏତେ ଚାପ, ଜମା ନାହିଁ ମାପ।
ଦୁନିଆଁ ଟିକେ ବେଶୀ ଚିହ୍ନିଥାଏ,
ସେଇଥିପାଇଁ ବୋଧେ କଣ କଣ ଲେଖୁଥାଏ
ଏଇ କବିତା ଲେଖୁଥିବା ପୁଅ।

କବିତା ତାକୁ ଦେଇନି ଆରାମ
ଦେଇଛି ଶାନ୍ତି, ଆତ୍ମ ସନ୍ତୁଷ୍ଟି, କୁହୁ କୁହୁ ଅନ୍ଧାରରେ ଟିକେ ଆଲୁଅ।
ଯେମିତି କବିତା ନ ହେଲେ
କବିତା ଲେଖୁଥିବା ପୁଅ ବିକଳାଙ୍ଗ ପାଲଟିଯିବ।

ବୋଧେ ଜିତିବା ନୁହଁ ହାରିବାର ସ୍ୱାଦ ଚାଖିଛି
ଜୀବନ ନୁହେଁ ଯନ୍ତ୍ରଣାକୁ ବେଶୀ ଭୋଗିଛି ,
ଅସହାୟତାର ଗୁର୍ ଗୁର୍ ଦରଜରେ
ଆଜି କବିତା ତା ଜୀବନସାଥୀ ସାଜିଛି,

ସେ ସବୁ କଷ୍ଟକୁ କହି ନ ପାରି..
ଆଜି ବେଶୀ ବେଶୀ ଖାଲି ଲେଖୁଛି
ସଭିଙ୍କ ସାମନାରେ କବିତା
ଲେଖୁଥିବା ପୁଅ ବୋଲି ପରିଚିତ ହୋଇଛି।

*ବରଗଡ଼*
*ଦୂରଭାଷ : ୯୩୩୭୦୩୪୬୨୭*

## ଗପ ଶୁଣିବା ଆସ

ଶିବା କର୍ମୀ



ପ୍ରାଚୀନ କାଳରେ, ଛାତ୍ର ଓ ଛାତ୍ରୀମାନେ ଗୁରୁକୂଳରେ ରହି, ଶିକ୍ଷା ଗ୍ରହଣ ସାଙ୍ଗକୁ ଚରିତ୍ର ଗଠନ କରୁଥିଲେ। ପ୍ରତିଦିନ ସନ୍ଧ୍ୟାରେ ସେମାନେ ଗୁରୁ କିମ୍ବା ଗୁରୁଭାଇଙ୍କ ଠାରୁ ନୀତିଶିକ୍ଷା ସାଙ୍ଗକୁ ବିଭିନ୍ନ ପ୍ରକାର ଗପ ମଧ୍ୟ ଶୁଣୁଥିଲେ, ଯଥା ରାମଚନ୍ଦ୍ରଙ୍କର ଗୁରୁ ବଶିଷ୍ଠ, କୃଷ୍ଣଙ୍କର ଗୁରୁ ସନ୍ଦିପାନି, ଏକଲବ୍ୟଙ୍କର ଗୁରୁ ଦ୍ରୋଣ ଏବଂ ସ୍ୱାମୀ ବିବେକାନନ୍ଦଙ୍କର ଗୁରୁ ରାମକୃଷ୍ଣ ପରମହଂସ ଅଟନ୍ତି। ସେତେବେଳେ ଗୁରୁକୂଳରେ ପାଠପଢା ସହ ସୃଜଶୀଳତା ବୃତ୍ତି ପାଇଁ ଗୁରୁତ୍ୱ ଦେଉଥିଲେ। ପାଠ ପଢ଼ିବାର ପ୍ରଥମ ସୋପାନ ଗପ କହିବାରୁ ଓ ଶୁଣିବାରୁ ଆରମ୍ଭ ହୁଏ। ପିଲାମାନଙ୍କୁ ନୂତନ ଚିନ୍ତାଧାରା ଓ ଶିଖିବାର କଳା ଶିଖାଇଥାଏ। ଯାହାଫଳରେ ସେମାନେ ଆଦର୍ଶ ଜୀବନ ଓ ବାକ ଶକ୍ତି ଗଠନରେ ସଫଳ ହୋଇଥିଲେ। ଓଡ଼ିଶାରେ ଗପ କହିବାର ପରମ୍ପରା ଅତି ପ୍ରାଚୀନ। ଆଇମା କାହାଣୀର ଜହ୍ନ ଓ ପରୀରାଇଜ କଥା, ମଣ୍ଡାଖିଆ ଅସୁର, ଟୁଆଁଟୁଇଁ, ଶୁଆସାରି କଥା ଓ ବୁଢ଼ୀ ଅସୁରୁଣୀ ତଥା ଗୋପାଳ ଭାଣ୍ଡଙ୍କ କାହାଣୀ ସବୁବେଳେ ଆମର ପରିଚିତ ଗପ ହୋଇ ରହିଆସିଛି। ଗାଁ ମାନଙ୍କରେ ପିଲାଛୁଆମାନେ ସନ୍ଧ୍ୟାରେ ସେମାନେ ସେମାନଙ୍କର ମା, ଜେଜେ ବାପା ଓ ଜେଜେ ମାଆଙ୍କ ଠାରୁ ଗପ ଶୁଣୁ ଥିଲେ। ନିଦ ନ ଆସିଲେ ମା, ଆଇମା ଠାରୁ ଗପ ଶୁଣି ଶୁଣି କେତେବେଳେ ଯେ ନିଦ ଆସିଯାଉଥିଲା କେହି ଜାଣି ପାରନ୍ତି ନାହିଁ। କିନ୍ତୁ ବର୍ତ୍ତମାନ ଗପ କହିବା ପାଇଁ ହେଉ କି ଶୁଣିବା ପାଇଁ ହେଉ କାହା ପାଖରେ ସମୟ ନାହିଁ କି ଆଉ ଧର୍ଯ୍ୟ ନାହିଁ ତେଣୁ ଗପ ଶୁଣିବା ଓ କହିବା ପ୍ରଥା କମି କମି ଯାଉଛି।କିନ୍ତୁ ସମସ୍ତେ ମୋବାଇଲ ,ଟିଭି ଓ ସିନେମାରେ ନିଜର ମନକୁ ନିବେଶ କରୁଛନ୍ତି। ଫଳରେ ମନରେ ସେହି ଚିତ୍ର ଚରିତ୍ରର କୁ ପ୍ରଭାବ ଯୋଗୁଁ ମନ ଅସନ୍ତୁଳିତ ଓ ମତି ଭ୍ରମ ହେଇଯାଉଛି । ଯାହା ଫଳରେ ଆମର ଏକାଗ୍ରତା, ବୁଦ୍ଧି ବିକାଶ ଓ ଆଖିର ଦୃଷ୍ଟି ଶକ୍ତି ନଷ୍ଟ ହେବାକୁ ଯାଉଛି,ତା ସଙ୍ଗେ ସଙ୍ଗେ ଆମର ଚରିତ୍ର ଓ ଆଚାର ବ୍ୟବହାର ମଧ୍ୟ ନଷ୍ଟ ହଉଛି।

ଭାରତର କାହାଣୀକାର ଏବଂ କାହାଣୀ ପ୍ରଶିକ୍ଷକବ ନୂପୁର ଅଗ୍ରୱାଲ କୁହନ୍ତି "ଗପ କହିବାର କଳାରେ ମହିଳା ପୁରୁଷଙ୍କ ତୁଳନାରେ ଅଧିକ ଦକ୍ଷ। ଶୋଇବା ବିଛଣାରେ ନିଜ ପିଲାଙ୍କୁ ଗପ କହି ଶୁଆଇବା କଳା ମହିଳାଙ୍କୁ ଈଶ୍ୱରଙ୍କ ସ୍ୱତନ୍ତ୍ର ଦାନ। ମାଆ କୋଳରେ ଓ ବିଛଣାରେ ପିଲାଦିନେ ଗପ ଶୁଣି ଶୋଇବାର ଅଭୁଲା ସ୍ମୃତି ସବୁ ମା'ଓ ପିଲାଙ୍କ ଜୀବନର ଅବଶିଷ୍ଟ ଦିନରେ କେବେବି ଭୁଲି ପାରନ୍ତି ନାହିଁ। ଭାରତର ସୁପରିଚିତ ଷ୍ଟୋରି ଟେଲର ସାରିକା ସଲିଲ କହନ୍ତି, "ଗପ ମଣିଷର ଇତିହାସ, ସଂସ୍କୃତି ଓ ସଭ୍ୟତାକୁ ବଞ୍ଚାଇ ରଖିଥାଏ। ଗପ କହିବାର କଳା ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହିତ ସ୍ୱେଚ୍ଛାଚାରୀମାନଙ୍କୁ ଉଚିତ ମାର୍ଗ ପ୍ରଦର୍ଶନ କରିଆସିଛି। ଗପ ଅନ୍ୟ ଦେଶର ଲୋକକଥା, ଚଳଣି, ପରମ୍ପରା ଓ ଇତିହାସ ବିଷୟରେ ଜ୍ଞାନ ବାଣ୍ଟିଥାଏ।

ଗପ ଶୁଣିବା ଓ କହିବା ଦ୍ୱାର ଆମର ମସ୍ତିଷ୍କରେ ନ୍ୟୁରନର (ସ୍ନାୟୁ କୋଷ) କାର୍ଯ୍ୟକଳକ୍ଷପ ବୃଦ୍ଧି ହୁଏ , ଏବଂ ଏକ୍ସୋଟୋସିନ୍ ନାମକ ଏକ ହୋର୍ମୋନ କ୍ଷରଣ ହୁଏ, ଏହି ହୋର୍ମନକୁ ହେପି ହୋର୍ମୋନ ବା ଉତ୍ସାହପ୍ରଦ ହର୍ମନ ମଧ୍ୟ କହନ୍ତି। ଏହି ହର୍ମୋନ ଆମର ମନ, ଭାବ, ଧିଶକ୍ତି, ସ୍ମରଣ ଶକ୍ତି ଓ ବ୍ୟବହାର ଉପରେ ଭଲ ପ୍ରଭାବ ପଡିଥାଏ। ଯେତେବେଳେ ଆମେ କାହାଣୀ ଶୁଣିବା ଓ କହିବା, ସେତେବେଳେ ଆମର ମସ୍ତିଷ୍କ ହାଲୁକା ହୋଇଯାଏ ।

ଗପ ଶୁଣିବା ଦ୍ୱାର ଆମର ମାନସିକ,ସାମାଜିକ ଓ ମର୍ଯ୍ୟାଦା ସମ୍ପନ୍ନ ଜୀବନ ଗଠନ ହେବା ପାଇଁ ମୁଖ୍ୟ ଭୂମିକା ନିର୍ବାହ କରେ,ଏବଂ ଗପ ଶୁଣିବା ଓ କହିବା ଦ୍ୱାରା ଏକଗ୍ରତା ବଢାଇଥାଏ, ଦୃଢ଼ ସଂକଳ୍ପ ଶକ୍ତି ବୃଦ୍ଧି,ମୌଳିକ ଶିକ୍ଷା ମିଳେ,ସ୍ମରଣ ଶକ୍ତି ବୃଦ୍ଧି,ନକାରାତ୍ମକ ଚିନ୍ତା ଦୂରୀଭୂତ,ମନ ପ୍ରଫୁଲ୍ଲ ରୁହେ,ପାଠ ପଢିବା ପାଇଁ ଇଚ୍ଛା ଶକ୍ତି ଜାଗ୍ରତ,ମାନସିକ ଶାନ୍ତି, ସୁନିଦ୍ରା,ମାନସିକ ଚାପ ଦୂର,ଥକାପଣ ଲାଘବ,ଶିଶୁ ମାନଙ୍କର ମାନସିକ ଦକ୍ଷତା ବୃଦ୍ଧି ହୁଏ। ତେଣୁ ସମସ୍ତେ ନିଜ ନିଜ ଜୀବନରେ ଅନେକ ସମୟରେ ଭଲ କଥା କହିବା ଓ ଧୈର୍ଯ୍ୟର ସହ ଶୁଣିବା ଆବଶ୍ୟକ। ପାରିବାରିକ ଜଞ୍ଜାଳରୁ ସାମୟିକ ବିରତି ଦେଇ ଜୀବନକୁ ଏକ ନୂଆ ଢଙ୍ଗରେ ଉପଭୋଗ ଓ ଉପସ୍ଥାପନା କରିବାର ସୁଯୋଗ ଦେଉଛି।



*ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁର*
*ଦୂରଭାଷା : ୮୮୯୫୭୦୧୨୬୯*



ପ୍ରେମାନନ୍ଦ ପାଣିଗ୍ରାହୀ




ପଳାଶ ଏକ ଫୁଲର ନାଁ, ପଳାଶ ପୁଣି ଏକ ଅନୁଭବର ଛୁଆଁ । ପଳାଶ ବି ମନରେ ଲଗାଏ ନିଆଁ । ବସନ୍ତ ଋତୁର ପତ୍ରଝଡା ପରେ ଶୁକଚଞ୍ଚୁ ପରି ତୋଫା ନାଲି ରଙ୍ଗର ପଳାଶ ଫୁଲରେ ଆଜି ପ୍ରକୃତି ହୋଇଓଠିଛି ରଙ୍ଗମୟ । ପୂର୍ଣ୍ଣ ପ୍ରସ୍ଫୁଟିତ ପଳାଶର ଅପରୂପ ବର୍ଣ୍ଣବିଭା ପ୍ରକୃତିର ରଙ୍ଗ ବଦଳେଇ ଦେଇ ଜନମାନସକୁ ବିହ୍ୱଳିତ କରୁଛି । ପଳାଶ ଫୁଲର କମନୀୟ ସୌନ୍ଦର୍ଯ୍ୟ ବର୍ଣ୍ଣନା କରି ପଲ୍ଲୀକବି ନନ୍ଦ କିଶୋର ବଳ ଲେଖିଛନ୍ତି-ପଳାଶ କୁସୁମ ଦିଶେ କେଡେ ମନୋହର ,ବାସ ନାହିଁ ବୋଲି ସେତ ପାଏନା ଆଦର । ଏହି ପଳାଶ ଫୁଲର ଶୋଭା ନିକଟରେ ସୂର୍ଯ୍ୟଙ୍କର ରଙ୍ଗ ମଳିନ ଦିଶେ ।

ହିନ୍ଦୁ ଧର୍ମରେ ପଳାଶକୁ ଅଗ୍ନିଦେବଙ୍କ ସ୍ୱରୂପ ଭାବରେ ମାନ୍ୟତା ଦିଆଯାଏ । ତେଣୁ ଏହାର ଅନ୍ୟ ନାମ ଅଗ୍ନିଶିଖା । ଶିବ ଓ ପାର୍ବତୀଙ୍କ ଅନ୍ତରଙ୍ଗ ମୂହୁର୍ତ୍ତକୁ ଗୋପନରେ ଦେଖି ଥିବାରୁ ମା ପାର୍ବତୀଙ୍କ ଅଭିଶାପରେ ରଙ୍ଗର ପ୍ରାଚୁର୍ଯ୍ୟ ଥିବା ପଳାଶ ଫୁଲର ବାସ୍ନା ହରଣ ହୋଇଯାଇଛି । ବାସହୀନ ଓ ଗନ୍ଧହୀନ ବୋଲି କୌଣସି ଦେବଦେବୀଙ୍କ ପୂଜାରେ ଲାଗୁନଥିବା ପଳାଶ କେବଳ ଦୋଳ ଯାତ୍ରା ସମୟରେ ବିମାନରେ ଅଧିଷ୍ଠିତ ରାଧାକୃଷ୍ଣଙ୍କ ଚରଣରେ ସମର୍ପିତ ହୋଇଥାଏ । ପଳାଶ ଗଛରେ ବ୍ରହ୍ମା ବାସ କରନ୍ତି । କର୍କଟ ରାଶିର ବ୍ୟକ୍ତି ଚାରୋଟି ପଳାସ ଗଛ ରବି ଓ ସୋମବାର ଲଗାଇଲେ ଯଜ୍ଞର ଫଳ ଲାଭ କରିଥାନ୍ତି ବୋଲି ପୁରାଣମାନଙ୍କରେ ବର୍ଣ୍ଣନା ରହିଛି । ମହାଭାରତର ବର୍ଣ୍ଣନା ଅନୁଯାୟୀ ଋଷି ଜମଦଗ୍ନୀ ଏକଦା ପଳାଶ ବନରେ ଦେବତାଙ୍କର ସନ୍ତୁଷ୍ଟି ପାଇଁ ବିଶାଳ ଯଜ୍ଞର ଆୟୋଜନ କରିଥିଲେ,ଯେଉଁଠାରେ ପୃଥିବୀର ସମସ୍ତ ନଦୀ ଉପସ୍ଥିତ ରହିଥିଲେ । ଦେବାଦେବୀଙ୍କ ଯଜ୍ଞରେ ପଳାଶ ସମିଧ କାଠ ବ୍ୟବହାର କରାଯାଏ । ହିନ୍ଦୁ ପରିବାରର ପ୍ରତ୍ୟେକ ଅଗଣାରେ ତୁଳସୀ ଚଉରା ପରି କେରଳରେ ପ୍ରତ୍ୟେକ ବ୍ରାହ୍ମଣଙ୍କ ବାଡିବଗିଚାରେ ପଳାଶ ଗଛ ଦେଖିବାକୁ ମିଳେ ।

ହିନ୍ଦୁ ଧର୍ମରେ ପଳାଶକୁ ଅଗ୍ନିଦେବଙ୍କ ସ୍ୱରୂପ ଭାବରେ ମାନ୍ୟତା ଦିଆଯାଏ । ତେଣୁ ଏହାର ଅନ୍ୟ ନାମ ଅଗ୍ନିଶିଖା । ଶିବ ଓ ପାର୍ବତୀଙ୍କ ଅନ୍ତରଙ୍ଗ ମୂହୁର୍ତ୍ତକୁ ଗୋପନରେ ଦେଖି ଥିବାରୁ ମା ପାର୍ବତୀଙ୍କ ଅଭିଶାପରେ ରଙ୍ଗର ପ୍ରାଚୁର୍ଯ୍ୟ ଥିବା ପଳାଶ ଫୁଲର ବାସ୍ନା ହରଣ ହୋଇଯାଇଛି । ବାସହୀନ ଓ ଗନ୍ଧହୀନ ବୋଲି କୌଣସି ଦେବଦେବୀଙ୍କ ପୂଜାରେ ଲାଗୁନଥିବା ପଳାଶ କେବଳ ଦୋଳ ଯାତ୍ରା ସମୟରେ ବିମାନରେ ଅଧିଷ୍ଠିତ ରାଧାକୃଷ୍ଣଙ୍କ ଚରଣରେ ସମର୍ପିତ ହୋଇଥାଏ । ପଳାଶ ଗଛରେ ବ୍ରହ୍ମା ବାସ କରନ୍ତି । କର୍କଟ ରାଶିର ବ୍ୟକ୍ତି ଚାରୋଟି ପଳାସ ଗଛ ରବି ଓ ସୋମବାର ଲଗାଇଲେ ଯଜ୍ଞର ଫଳ ଲାଭ କରିଥାନ୍ତି ବୋଲି ପୁରାଣମାନଙ୍କରେ ବର୍ଣ୍ଣନା ରହିଛି । ମହାଭାରତର ବର୍ଣ୍ଣନା ଅନୁଯାୟୀ ଋଷି ଜମଦଗ୍ନୀ ଏକଦା ପଳାଶ ବନରେ ଦେବତାଙ୍କର ସନ୍ତୁଷ୍ଟି ପାଇଁ ବିଶାଳ ଯଜ୍ଞର ଆୟୋଜନ କରିଥିଲେ,ଯେଉଁଠାରେ ପୃଥିବୀର ସମସ୍ତ ନଦୀ ଉପସ୍ଥିତ ରହିଥିଲେ । ଦେବାଦେବୀଙ୍କ ଯଜ୍ଞରେ ପଳାଶ ସମିଧ କାଠ ବ୍ୟବହାର କରାଯାଏ । ହିନ୍ଦୁ ପରିବାରର ପ୍ରତ୍ୟେକ ଅଗଣାରେ ତୁଳସୀ ଚଉରା ପରି କେରଳରେ ପ୍ରତ୍ୟେକ ବ୍ରାହ୍ମଣଙ୍କ ବାଡିବଗିଚାରେ ପଳାଶ ଗଛ ଦେଖିବାକୁ ମିଳେ ।





ପଶ୍ଚିମବଙ୍ଗରେ ବାକ୍‌ଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନାରେ ପଳାଶ ଫୁଲ ସମର୍ପଣ କରାଯାଏ । ତେଲେଙ୍ଗାନାରେ ପଳାଶ ଫୁଲକୁ ମହାଶିବରାତ୍ରୀରେ ଶିବଙ୍କୁ ଅର୍ପଣ କରାଯାଏ । ଓଡିଶାର ସମ୍ବଲପୁରର ସମଲେଶ୍ୱରୀ ଓ ପାଟଣାଗଡର ପାଟଣେଶ୍ୱରୀଙ୍କୁ ଚୈତ୍ର ପୂର୍ଣ୍ଣିମାରେ ପଳାଶ ଫୁଲରେ ପୂଜା କରାଯାଏ । ବ୍ରାହ୍ମଣ ବାଳକଙ୍କ ବ୍ରତୋପନୟନ ସମୟରେ ସନ୍ନ୍ୟାସ ଗ୍ରହଣ କରି ଭିକ୍ଷା ପାଇଁ ଗ୍ରାମ ବୁଲିବା ସମୟରେ ତାକୁ ପଳାଶ ପତ୍ର ଖାଇବାକୁ ଦିଆଯାଏ ଓ ସେ ବାଉଁଶ ଦଣ୍ଡ ସହ ପଳାଶର ଦଣ୍ଡ ଅଷ୍ଟମଙ୍ଗୁଳା ପର୍ଯ୍ୟନ୍ତ କାନ୍ଧରେ ଧାରଣ କରେ । ମଣିପୁରରେ ବାସ କରୁଥିବା ଏକ ଆଦିବାସୀ ସମ୍ପ୍ରଦାୟ ମୈତ୍ରୀର ଲୋକମାନେ ବିଶ୍ୱାସ କରନ୍ତି ଯେ ଯଦି ତାଙ୍କ ସମ୍ପ୍ରଦାୟର କୌଣସି ବ୍ୟକ୍ତି ଅସ୍ୱାଭାବିକ ଭାବରେ ମୃତ୍ୟୁବରଣ କରିଥାଏ ଓ ତାର ମୃତ ଦେହ ମିଳିନଥାଏ ତେବେ ପଳାଶ ଗଛର ଗଣ୍ଡିକୁ ମୃତ ଶରୀର ବଦଳରେ ସମାଧି ଦିଆଯାଇ କ୍ରିୟାକର୍ମ କରାଯାଏ ।

ପଳାଶ ଭାରତୀୟ ଉପମହାଦେଶ ଓ ଉତ୍ତର-ପୂର୍ବ ଏସିଆର ଭାରତ, ନେପାଳ, ଶ୍ରୀଲଙ୍କା, ପାକିସ୍ଥାନ, ବାଂଲାଦେଶ, ମିଆଁମାର, ଥାଇଲାଣ୍ଡ, ଲାଓସ, କାମ୍ବୋଡିଆ, ଭିଏତନାମ ତଥା ପଶ୍ଚିମ ଇଣ୍ଡୋନେସିଆରେ ଦେଖିବାକୁ ମିଳେ । ପଳାଶ ଶିମ୍ବାଦିବର୍ଗର ଏକ ପତ୍ରଝଡା ଗଣ୍ଠଗଣ୍ଠିଆ, ଆବୁଡାଖାବୁଡା ମଧ୍ୟାକୃତି ତରୁ । ଏହାର କଳା ମିଶା ଗାଢ ଗେରୁଆ ଓ ସବୁଜ ମିଶା ପତ୍ରଗୁଡିକ ବେଲ ପତ୍ର ପରି ଏକାଠି ଥିବାରୁ ଏହାକୁ ତ୍ରିପତି କୁହାଯାଏ । ତ୍ରିପତ୍ରକର ବାମ ପତ୍ରକୁ ବ୍ରହ୍ମା,ଦକ୍ଷିଣକୁ ମହେଶ୍ୱର ଓ ମଧ୍ୟମକୁ ବିଷ୍ଣୁ କୁହାଯାଏ । ଏହି ବୃକ୍ଷକୁ ଓଡିଆ ଓ ବଙ୍ଗଳା ଭାଷାରେ ପଳାସ,ହିନ୍ଦିରେ ମୋଡଗା,କନ୍ନଡ ଭାଷାରେ ମୋଦୁଗୁ,ମାଲାୟାଲମ ଭାଷାରେ ମୁରିକୁ,ସଂସ୍କୃତରେ କିଂସୁକ କୁହାଯାଏ । ପଳାଶ ଫୁଲ ଫୁଟିବା ସମୟରେ ସମଗ୍ର ଅରଣ୍ୟ ନିଆଁ ଲାଗିବା ପରି ମନେ ହେଉଥିବାରୁ ଇଂରାଜୀରେ ଏହାକୁ ଫ୍ଲେମ୍ ଅଫ୍ ଦି ଫରେଷ୍ଟ ଏବଂ ପ୍ୟାରଟ ଟ୍ରି କୁହାଯାଏ ।

ଉଦ୍ଭିଦ ବିଜ୍ଞାନୀଙ୍କ ମତରେ ସମଗ୍ର ଭାରତ ଭୂଖଣ୍ଡରେ ପ୍ରାୟତଃ ଛଅ ପ୍ରକାରର ପଳାଶ



ଦେଖାଯାଉଥିବା ବେଳେ ଝାଡଖଣ୍ଡ ରାଜ୍ୟରେ ହଳଦିଆ ଓ ଧଳା ରଙ୍ଗର ପଳାଶ ତଥା ଓଡିଶା ସମେତ ଅନ୍ୟାନ୍ୟ ରାଜ୍ୟରେ ଲାଲ ରଙ୍ଗର ପଳାଶ ଫୁଲ ଦେଖାଯାଏ । ତେବେ ବରଗଡ ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ ଅଞ୍ଚଳ ଓ ବିଜେପୁର ବ୍ଲକ ଏସ.ଡୁମ୍ବେରପାଲି ଗାଁ,ପାଇକମାଳ,ପଦ୍ମପୁର ଅଞ୍ଚଳରେ ଅଳ୍ପ ହଳଦିଆ ମିଶା ଲାଲ ରଙ୍ଗର ପଳାଶ ବସନ୍ତ ଋତୁରେ ପର୍ଯ୍ୟଟକଙ୍କୁ ଆକର୍ଷଣ କରେ । ତେବେ ଧଳା ରଙ୍ଗର ପଳାଶ ଦୁର୍ଲ୍ଲଭ । ମଧ୍ୟପ୍ରଦେଶର ସଫାରୀ ଗାଁରେ କେବଳ ଏହା ଦେଖିବାକୁ ମିଳେ । ପଳାଶର ପରସ୍ତ ପରସ୍ତ ପାଖୁଡାରେ ଥାଏ ଫଲଗୁର ବିବିଧତା । ପୂର୍ବେ ହୋଲି ପର୍ବର ଅବିର ପ୍ରସ୍ତୁତି ପାଇଁ ପଳାଶ ଫୁଲକୁ ବ୍ୟବହାର କରାଯାଉଥିଲା । ଯାହାକୁ ଗୁଲାଲ୍ କୁହାଯାଉଥିଲା ।

ପଳାଶ ଫୁଲର ନାମ ଅନୁଯାୟୀ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାର ଗୋଟିଏସହରର ନାମ ପଳାସୀ ରହିଛି । ଏହି ସହରର ଭାଗିରଥୀ ନଦୀ କୂଳରେ ୧୮୫୭ ମସିହା ଜୁନ ୨୩ ତାରିଖରେ ବଙ୍ଗଳାର ଶେଷ ନବାବ ସିରାଉଦ୍ଦୌଲ୍ଲା ଓ ଇଷ୍ଟଇଣ୍ଡିଆ କମ୍ପାନୀ ମଧ୍ୟରେ ଐତିହାସିକ ପଳାସୀ ଯୁଦ୍ଧ ହୋଇଥିଲା । ପଳାଶ ଫୁଲର ସୌନ୍ଦର୍ଯ୍ୟକୁ ଲକ୍ଷ୍ୟ କରି ଭାରତୀୟ ଡାକ ବିଭାଗ ୧୯୮୧ ମସିହା ସେପ୍ଟେମ୍ବର ମାସ ୧ ତାରିଖରେ ଏକ ଡାକ ଟିକଟ ଉନ୍ମୋଚନ କରିଥିଲେ । ଯାହାର ମୂଲ୍ୟ ରହିଥିଲା ୩୫ ପଇସା ଓ ଏହାର ଅଳଙ୍କରଣ କରିଥିଲେ କେ.ଏମ୍.ବୈଦ । ଉତ୍ତରପ୍ରଦେଶ,ଝାଡଖଣ୍ଡ ଓ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡର ପ୍ରାଦେଶିକ ଫୁଲ ଭାବରେ ପଳାଶ ଫୁଲ ମାନ୍ୟତା ପାଇଛି । ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାର ପାହାଡପର୍ବତ ଘେରା ଏକ ସୁନ୍ଦର ଗାଁ ବଡନ୍ତି । ବସନ୍ତ ଋତୁର ଶାନ୍ତ ପରିବେଶ ସାଙ୍ଗକୁ ଗାଁର ପର୍ବତ ,ଜଙ୍ଗଲ,ହ୍ରଦ ଆଦି ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ । ତେବେ ବସନ୍ତ ଋତୁ ଆସିଲେ ବଡନ୍ତିର ଚତୁଃପାର୍ଶ୍ୱ ଲାଲ ପଳାଶ ଫୁଲରେ ଛାଇହୋଇଯାଏ । ଏଦୃଶ୍ୟ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ ଜମେ । ସେହିପରି ଶାନ୍ତି ନିକେତନରେ ପଳାଶର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଦେଶ ବିଦେଶର ପର୍ଯ୍ୟଟକ ଭୁଲିନଥାନ୍ତି ।

ବସନ୍ତ ଋତୁରେ ସାମାନ୍ୟ ଶୀତ ଓ ଖରା ମିଶ୍ରିତ ପାଣିପାଗ ସାଙ୍ଗକୁ ପଳାଶ ଫୁଲର ଲାଲ ରଙ୍ଗ କବିକୁ ଭାବପ୍ରବଣ କରାଏ । କବି ଲେଖିଯାଏ ରାଶିରାଶି କବିତା । ଯର୍ଦୁବେଦର ପ୍ରଥମ ଶ୍ଳୋକରେ ପଳାଶର ବର୍ଣ୍ଣନା ରହିଥିବା ବେଳେ ଅମରକବି ଜୟଦେବଙ୍କ ଗୀତଗୋବିନ୍ଦ ,କାଳିଦାସଙ୍କ ଋତୁସଂହାର କାବ୍ୟରେ ପଳାଶକୁ ସୌନ୍ଦର୍ଯ୍ୟର ପ୍ରତୀକ ଭାବରେ ବର୍ଣ୍ଣନା କରାଯାଇଛି । ପଞ୍ଜାବୀ କବି ହରିନ୍ଦର ସିଂହ ମେହେବୁବ,ନୋବେଲ ବିଜେତା ରବୀନ୍ଦ୍ରନାଥ ଠାକୁରଙ୍କ କବିତାରେ ପଳାଶର ଅପରୂପ ବର୍ଣ୍ଣବିଭାର ସ୍ୱାକ୍ଷର ରହିଛି । ଓଡିଆ କାବ୍ୟକବିତାରେ ପଳାଶର ବର୍ଣ୍ଣନା ମଧ୍ୟ କମ୍ ନୁହେଁ । ନନ୍ଦକିଶୋର,ଉପେନ୍ଦ୍ରଭଞ୍ଜ,ଗଙ୍ଗାଧର ମେହେରଙ୍କ ସମେତ ଉତ୍ତର ଆଧୁନିକ ଯୁଗର ପ୍ରାୟ କବିଙ୍କ କବିତାରେ ପଳାଶର ପ୍ରଶସ୍ତି ଅବର୍ଣ୍ଣନୀୟ ।





*ଭୁଷଳ,ଭୁବନ,ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*



# ୨୫ ସୁଦ୍ଧା ଧାନ ସଂଗ୍ରହ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ

**ପୁରୀ :** ପୁରୀ ଜିଲ୍ଲାର ପଞ୍ଜିକୃତ ୪୮୯୬୪ କୃଷକଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩୨୨୪୮ ଚାଷୀ ଧାନ ବିକ୍ରି କରି ସାରିଲେଣି। ଅବଶିଷ୍ଟ ୧୬୭୧୬ ଚାଷୀଙ୍କ ଠାରୁ ମାର୍ଚ୍ଚ ୨୫ ସୁଦ୍ଧା ଧାନ କ୍ରୟ ସାରିବାକୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗାଣ ବିଭାଗ ଓ ମିଲର ମାନଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ସର୍କିଟ ହାଉସ ଠାରେ ପୁରୀ ଜିଲ୍ଲାରେ ଧାନ ସଂଗ୍ରହ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସମୀକ୍ଷା କରିଥିଲେ। ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ଅନୁସାରେ ରାଜ୍ୟର ଚାଷୀ ମାନଙ୍କୁ କ୍ୟୁଣ୍ଟାଲ ପିଛା ଧାନର ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନପୁଟ ସବସିଡ ଦେଉଛନ୍ତି। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୯୧ କୋଟିରୁ ଉର୍ଦ୍ଧ ଟଙ୍କା ଇନପୁଟ ସବସିଡ ହିସାବରେ ଚାଷୀ ପାଇ ସାରିଲେଣି। ବର୍ତ୍ତମାନ ସୁଦ୍ଧା ପୁରୀ ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୧୬୭୧୬ ଚାଷୀ ଧାନ ବିକ୍ରୟ ପାଇଁ ରହିଛନ୍ତି। ଏ ସମସ୍ତ ଚାଷୀ ମାନଙ୍କ ଠାରୁ ଚଳିତ ମାସ ୨୫ ତାରିଖ ସୁଦ୍ଧା ଧାନ ସଂଗ୍ରହ କରିବା ସହ ସେମାନଙ୍କୁ ସେମାନଙ୍କ ଉପଯୁକ୍ତ ପ୍ରାପ୍ୟ ଇନପୁଟ ସବସିଡ ରାଶି ସହ ପ୍ରଦାନ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଯେମିତି କୌଣସି ଚାଷୀ ତାହାର କଷ୍ଟ ଉପାର୍ଜିତ ଶସ୍ୟ ବିକ୍ରି ରେ ସମସ୍ୟା ର ସମ୍ମୁଖୀନ ନ ହୁଏ ଓ ଧାନ ବିକ୍ରିରୁ ବଞ୍ଚିତ ନ ହୁଏ ସେଥି ପ୍ରତି ସତର୍କ ରହିବାକୁ ଉପ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ପୁରୁଣା ଗାଡ଼ିକୁ ପେଟ୍ରୋଲ୍-ଡିଜେଲ୍ ମନା



**ନୂଆଦିଲ୍ଲୀ :** ବଢୁଥିବା ବାୟୁ ପ୍ରଦୂଷଣ, ବିଗୁଡୁଥିବା ପରିବେଶ ରକ୍ଷା ପାଇଁ ବଡ଼ ପଦକ୍ଷେପ। ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ିକୁ ଆଉ ମିଳିବନି ପେଟ୍ରୋଲ୍ ଓ ଡିଜେଲ। ମାର୍ଚ୍ଚ ୩୧ରୁ ପୁରୁଣା ଗାଡ଼ିକୁ ପେଟ୍ରୋଲ-ଡିଜେଲ୍ ମିଳିବ ନାହିଁ। ଦିଲ୍ଲୀରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ଲାଗି ଦିଲ୍ଲୀ ସରକାର ଏହି ବଡ଼ ପଦକ୍ଷେପ ନେଇଛନ୍ତି। ଦିଲ୍ଲୀ ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂ ସିରସା ଶନିବାର ଏହି ଘୋଷଣା କରିଛନ୍ତି। ପରିବେଶ ମନ୍ତ୍ରୀ କହିଛନ୍ତି, ନିଷ୍ପତ୍ତି ନେଇ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରାଳୟକୁ ଶୀଘ୍ର ଜଣାଇବୁ। ଆମେ ପେଟ୍ରୋଲ୍ ପମ୍ପରେ ଏକ ଗ୍ୟାଜେଟ୍ ଲଗାଉଛୁ ଯାହାକି ୧୫ ବର୍ଷ ପୁରୁଣା ବାହାନକୁ ଚିହ୍ନଟ କରିବ। ଆଉ ଉକ୍ତ ବାହାନକୁ ପେଟ୍ରୋଲ, ଡିଜେଲ୍ ମିଳିବ ନାହିଁ। ବାୟୁ ପ୍ରଦୂଷଣ ସହ ଲଢୁଥିବା ଦିଲ୍ଲୀର ସ୍ଥିତି ବର୍ଷକୁ ବର୍ଷ ଖରାପ ହେବାରେ ଲାଗିଛି। ୨୦୧୩ ନଭେମ୍ବରରେ ଦିଲ୍ଲୀରେ ବାୟୁର ହାରାହାରି ମାନ ୨୮୭ ଏକ୍ୟୁଆଇ ଥିଲା। ୨୦୨୪ ନଭେମ୍ବରେ ବାୟୁର ହାରାହାରି ମାନ ୫୦୦ ଏକ୍ୟୁଆଇ ଉପରେ ପହଞ୍ଚିଛି। ରିପୋର୍ଟ ଅନୁସାରେ, ୨୦୧୩ରେ ଜଣେ ବ୍ୟକ୍ତି ୧୦ଟି ସିଗାରେଟ୍ ଟାଣିଲେ ଯେତିକି ଧୂଆଁ ଶରୀରକୁ ଯାଏ, ପ୍ରଦୂଷଣ ସେହି ଧରଣର ଥିଲା। ଯାହାକି ୨୦୨୪ରେ ୩୮ଟି ସିଗାରେଟ୍ ସହ ସମାନ ସ୍ତରରେ ପହଞ୍ଚିଛି। ଏହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଯିବା ସହ ମସ୍ତିଷ୍କକୁ ପ୍ରଭାବିତ ବି କରୁଛି।

## FORM OF DECLARATION

(FORM-1)
(See Rule-3)

**I, Sri Lingaraj Dash declare that I am the Printer and publisher of the Newspaper entitled EKAMAATRA to be printed at Bhubaneswar Published at Bhubaneswar and that the Particulars in respect of the said Newspaper given hereunder are true to the best of my knowledge and belief.**

| | |
|---|---|
| 1. Title of the newspaper | : EKAMAATRA |
| 2. Language (s) in which it is (to be)published | : ODIA |
| 3. Periodicity of its publication | |
| a. Whether a daily, Weekly, forthnightly or otherwise | : WEEKLY |
| b. Whether a daily, Please state whether it is Morning or evening Newspaper | : NO |
| c. In case of a newspaper other than daily please state the days or dates on which it is published | : MONDAY |
| 4. Retail Selling price | : Rs. 5.00 |
| (a) If the newspaper is for free distribution, please state that it is "for free distribution" | : YES |
| (b) If it has only an annual subscription & no retail price, please state the annual subcription | :NA |
| 5. Publisher's Name | : LINGARAJ DASH |
| Address | : S/o Late Arttatrana Dash, Plot No. 4233, Sulochana Bhawan, Behind Badagada High Schoo, Badagada. Bhubaneswar-751018, Dist-Khordha, Odisha Email-lingarajprabhu@gmail.com |
| Nationality | : INDIAN |
| 6. Place of Publication | : Bhubaneswar |
| (Please give the complete Postal Address) | : Plot No. 4233, Sulochana Bhawan, Behind Badagada High Schoo, Badagada. Bhubaneswar-751018, Dist-Khordha, Odisha |
| 7. Printer's Name | : LINGARAJ DASH |
| Adress | Plot No. 4233, Sulochana Bhawan, Behind Badagada High Schoo, Badagada. Bhubaneswar-751018, Dist-Khordha, Odisha |
| 8. Name (s) of the Printing Press (es) where Printing is to be Conducted and the true place(s) description of the Premises on which the press is/are situated. | : Radhakrushna Publication Pvt. Ltd. Plot Ni-H-18, Mancheswar Ind. Estate, Bhubaneswar-10 |
| 9. Editor's Name | : TARAK MOHANTY |
| Nationality | : INDIAN |
| Adress | : Sector-2/288,289, Niladri Vihar, Chandrasekharpur, Bhubaneswar-751021, Khordha, Odisha |
| 10. Owner's Name | : LINGARAJ DASH |
| Adress | : Plot No. 4233, Sulochana Bhawan, Behind Badagada High Schoo, Badagada. Bhubaneswar-751018, Dist-Khordha, Odisha |
| a) Please state that the particulars of individual or of the firm/Joint Stock company, trust, co-operative society or Association with the newspaper. | : INDIVIDUALS. |

**Date : 03.03.2025**

*Sd/-*
***Lingaraj Dash***
***Printer & Publisher, Ekamaatra***

### ଡାକ୍ତରଙ୍କ ଆବେଦନ ହାଇକୋର୍ଟରେ ଖାରଜ

# ସ୍ୱେଚ୍ଛାକୃତ ଅବସର ଆଇନରେ ସଂଶୋଧନ ନିର୍ଦ୍ଦେଶ



**କଟକ :** ଓଡ଼ିଶା ପେନସନ ନିୟମାବଳୀ-୧୯୯୨ରେ ଥିବା ସ୍ୱେଚ୍ଛାକୃତ ଅବସର (ଭିଆରଏସ୍) ସମ୍ପର୍କିତ ଆଇନରେ ସଂଶୋଧନ ପାଇଁ ହାଇକୋର୍ଟ ଦେଇଛନ୍ତି ନିର୍ଦ୍ଦେଶ। ୩ ମାସ ମଧ୍ୟରେ ଅନ୍ୟ ରାଜ୍ୟ ଗୁଡ଼ିକରେ ପ୍ରଚଳିତ ଆଇନ ସହ ସମତୁଲ କରି ଏହି ସଂଶୋଧନ କରିବାକୁ ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀ ଡାକ୍ତର ସ୍ନିଗ୍ଧାପ୍ରଭା ମିଶ୍ରଙ୍କ ଆବେଦନକୁ ଖାରଜ କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲର ଫିଜିଓଲୋଜି ବିଭାଗ ପ୍ରଫେସର ଡାକ୍ତର ସ୍ନିଗ୍ଧାପ୍ରଭା ମିଶ୍ରଙ୍କୁ ଭବାନୀପାଟଣା ସ୍ଥିତ ଏସଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଗତବର୍ଷ ଏପ୍ରିଲ ୨୮ ତାରିଖରେ ବଦଳି କରାଯାଇଥିଲା। ତେବେ ସମ୍ପୃକ୍ତ ବଦଳି ନିର୍ଦ୍ଦେଶକୁ ରଦ୍ଦ କରି ପୁରୀ ସ୍ଥିତ ମେଡିକାଲ କଲେଜର ଫିଜିଓଲୋଜି ବିଭାଗ ପ୍ରଫେସର ଭାବେ ବଦଳି କରିବାକୁ ଡାକ୍ତର ମିଶ୍ର ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ତାଙ୍କର ଏହି ଅନୁରୋଧକୁ ଖାରଜ କରିବା ପରେ ଡାକ୍ତର ସ୍ନିଗ୍ଧାପ୍ରଭା ମିଶ୍ର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟିରେ ଚାଲି ଯାଇଥିଲେ। ଏହାପରେ ତୁରନ୍ତ ଭବାନୀପାଟଣା ସ୍ଥିତ ଏସଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲରେ କାର୍ଯ୍ୟରେ ଯୋଗ ଦେବାକୁ ଜୁନ ୨୦ ତାରିଖରେ ତାଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସେ ଏହି ନିର୍ଦ୍ଦେଶକୁ ପାଳନ ନକରି ସେହି ମାସ ୨୪ ତାରିଖରେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ। ଓଡ଼ିଶା ପେନସନ ନିୟମାବଳୀ-୧୯୯୨ରେ ଥିବା ସ୍ୱେଚ୍ଛାକୃତ ଅବସର ସମ୍ପର୍କିତ ଆଇନ ଅନୁଯାୟୀ ସେ ୨୦ ବର୍ଷରୁ ଉର୍ଦ୍ଧ ସମୟ ଧରି କାର୍ଯ୍ୟ କରିଛନ୍ତି ଏବଂ ତାଙ୍କ ବିରୋଧରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଦର୍ଶାଇ ଡାକ୍ତର ସ୍ନିଗ୍ଧାପ୍ରଭା ମିଶ୍ର ସ୍ୱେଚ୍ଛାକୃତ ଅବସର ଆବେଦନ କରିଥିଲେ। ତେବେ ରାଜ୍ୟରେ ଡାକ୍ତର ଅଭାବ ଥିବା ଦର୍ଶାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କ ଆବେଦନ ଖାରଜ କରି ଦେଇଥିଲା। ତେଣୁ ଡାକ୍ତର ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ରାଜ୍ୟରେ ଡାକ୍ତର ଅଭାବ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଡାକ୍ତର ସ୍ନିଗ୍ଧାପ୍ରଭା ମିଶ୍ରଙ୍କ ଆବେଦନକୁ ଖାରଜ କରିବା ସହ ଓଡ଼ିଶା ପେନସନ ନିୟମାବଳୀ-୧୯୯୨ରେ ଥିବା ସ୍ୱେଚ୍ଛାକୃତ ଅବସର ସମ୍ପର୍କିତ ଆଇନରେ ସଂଶୋଧନ କରିବା ପାଇଁ ରାୟ ଦେଇଛନ୍ତି।

# ଖୁବ୍‌ଶୀଘ୍ର ସୁଭଦ୍ରା ଟଙ୍କା



**ଭୁବନେଶ୍ୱର :** ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ଅନ୍ତର୍ଜାତୀୟ ମହିଳା ଦିବସ ତଥା ଆସନ୍ତା ୮ ତାରିଖରେ ରାଜ୍ୟ ସରକାର ପ୍ରଦାନ କରିବେ। ରାଜ୍ୟର ପ୍ରାୟ ୧ କୋଟି ମହିଳାଙ୍କ ଆକାଉଣ୍ଟକୁ ଏକାସଙ୍ଗେ ସୁଭଦ୍ରା ଦ୍ୱିତୀୟ କିସ୍ତି ଅର୍ଥ ପ୍ରଦାନ କରାଯିବ। ବ୍ରହ୍ମପୁରଠାରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏନେଇ ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମାର୍ଚ୍ଚ ୮ରେ ସୁଭଦ୍ରା ଯୋଜନାରେ କୋଟିଏ ମହିଳାଙ୍କୁ ଲାଭ ମିଳିବ। ସରକାର କହିଥିଲେ ସୁଭଦ୍ରାରେ କୋଟିଏ ହିତାଧିକାରୀଙ୍କୁ ଏହି ଲାଭ ମିଳିବ। ତୁରନ୍ତ ବିଭାଗୀୟ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲୁଥିବା ସୁଭଦ୍ରା ଟିମ୍ କୋଟିଏ ମହିଳାଙ୍କ ପାଖରେ ଏହି ଟଙ୍କା ପହଞ୍ଚାଇବାରେ ସକ୍ଷମ ହେବ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲାଗି ଏକାସଙ୍ଗେ କୋଟିଏ ମହିଳାଙ୍କୁ ଏହି ରାଶି ଦିଆଯିବ। ସୂଚନାଯୋଗ୍ୟ, ପ୍ରଥମ କିସ୍ତି ସୁଭଦ୍ରା ଟଙ୍କା ୪ଟି ପର୍ଯ୍ୟାୟରେ ମହିଳାଙ୍କ ଆକାଉଣ୍ଟକୁ ଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ପ୍ରଥମ କିସ୍ତି ଟଙ୍କା ପାଇବାରୁ ପ୍ରାୟ ୨ ଲକ୍ଷ ମହିଳା ବାଦ୍ ପଡ଼ିଥିଲେ। ତେଣୁ ବାଦ୍ ପଡ଼ିଥିବା ୨ ଲକ୍ଷ ମହିଳାଙ୍କ ଖାତାକୁ ଏକାସଙ୍ଗେ ୨ଟି ଯାକ କିସ୍ତିର ୧୦ ହଜାର ଟଙ୍କା ଆକାଉଣ୍ଟକୁ ଦିଆଯିବ। ପ୍ରଥମ କିସ୍ତିର ୪ଟି ପର୍ଯ୍ୟାୟରେ ୯୮ ଲକ୍ଷ ମହିଳାଙ୍କୁ ଦ୍ୱିତୀୟ କିସ୍ତି ବାବଦକୁ ୫ ହଜାର ଟଙ୍କା ମିଳିବ। ଯେଉଁମାନଙ୍କ ଆକାଉଣ୍ଟରେ ଏନ୍‌ପିସିଆଇ ଏବଂ କେୱାଇସି ସମସ୍ୟା ଥିଲା ମାର୍ଚ୍ଚ ୮ଟିରେ ସେମାନଙ୍କୁ ଦୁଇଟି ଯାକ କିସ୍ତିର ଅର୍ଥ ଯିବ।

# ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର :** ଗତ ୨୮ତାରିଖରେ ଅତିରିକ୍ତ ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଭୁବନେଶ୍ୱର (ହିମାଂଶୁ ଶେଖର ମଲ୍ଲିକ) ଭୁବନେଶ୍ୱର ଭିଜିଲାନ୍ସ ପି.ଏସ୍. କେସ୍ ନମ୍ବର ୧୪/୨୪.୦୪.୨୦୦୬ରୁ ଉଠାଯାଇଥିବା ଟିଆର୍ କେସ୍ ନମ୍ବର-୫/୨୦୧୦ରେ ଦୋଷୀ ସାବ୍ୟସ୍ତ ହେବାର ରାୟ ଶୁଣାଇଛନ୍ତି ଏବଂ ଅଭିଯୁକ୍ତ ବ୍ୟକ୍ତି ଶରତ କୁମାର ସିଂହସାମନ୍ତ (କ୍ଷେତ୍ର ଅଧିକାରୀ, ଖୋର୍ଦ୍ଧା, କାଡା ବ୍ୟାଙ୍କ)ଙ୍କୁ ପି.ସି. ଆଇନର ଧାରା ୧୩(୧)(ଡି)ଆର/ଡବ୍ଲୁଧାରା ୧୩(୨) ଅନୁଯାୟୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି। ଏଥିସହିତ ତାଙ୍କୁ ଆଇନ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି। ଦୋଷୀ ଶରତ କୁମାର ସିଂହସାମନ୍ତଙ୍କୁ ଆଇପିସିର ୪୬୮ ଅନୁଯାୟୀ ଅପରାଧ ପାଇଁ ତିନି ବର୍ଷ ସଜା ଏବଂ ଆର୍ଥିକ ଜରିମାନା ସହ ଦଣ୍ଡିତ କରାଯାଇଛି। ଆଇପିସିର ୪୭୧ ଅନୁଯାୟୀ ଅପରାଧ ପାଇଁ ୨୦,୦୦୦ ଟଙ୍କା, ଆରଆଇ ପାଇଁ ଦୁଇ ବର୍ଷ ଏବଂ ୧୦,୦୦୦ ଟଙ୍କା ଜରିମାନା ଦେବାକୁ ପଡିବ। ଆଇପିସିର ୪୦୯ ଅନୁଯାୟୀ ଅପରାଧ ପାଇଁ ତିନି ବର୍ଷ ପାଇଁ ଖିଲାପୀ ଆରଆଇ ଏବଂ ୧୩(୧)(ଡି)ଆର/ଡବ୍ଲୁ ଧାରା ୧୩(୨) ଅନୁଯାୟୀ ଅପରାଧ ପାଇଁ ୨୦,୦୦୦ ଟଙ୍କା ଏବଂ ଆରଆଇ ପାଇଁ ଦୁଇ ବର୍ଷ ଓ ଖିଲାପୀ ଆରଆଇ ଏବଂ ୧୦,୦୦୦ ଟଙ୍କା ଜରିମାନା ଦେବାକୁ ପଡିବ। ସମସ୍ତ ଦଣ୍ଡ ଏକକାଳୀନ ଚାଲିବ। ଏହି ମାମଲାର ତଦନ୍ତ ପୁରୀ ୟୁନିଟ୍, ଭୁବନେଶ୍ୱର ଡିଭିଜନର ଏଲ୍.ଡି. ମହାପାତ୍ର ଡିଏସ୍‌ପି ଭିଜିଲାନ୍ସ ଏବଂ ଖୋର୍ଦ୍ଧା ସ୍କ୍ୱାଡ୍, ଭୁବନେଶ୍ୱର ଡିଭିଜନର ଅଶୋକ କୁମାର ମହାନ୍ତି ଇନ୍ସପେକ୍ଟର ଭିଜିଲାନ୍ସ ଦ୍ୱାରା କରାଯାଇଥିଲା। ମାମଲାର ସୂଚନାଦାତା ଥିଲେ ଡି.ଡି. ସେଠ ଡିଏସ୍‌ପି, ଭିଜିଲାନ୍ସ, ଭୁବନେଶ୍ୱର ଡିଭିଜନ। ସ୍ପେଶାଲ ପିପି (ଭିଜିଲାନ୍ସ) କାମଦେବ ତ୍ରିପାଠୀ ଭିଜିଲାନ୍ସ ତରଫରୁ ମାମଲାର ପରିଚାଳନା କରୁଥିଲେ।

# ଉତ୍ତମ ଥିଲେ ସର୍ବୋତ୍ତମ



**ଭୁବନେଶ୍ୱର :** ଚଳଚ୍ଚିତ୍ର ଜଗତରେ ଉତ୍ତମ ମହାନ୍ତି ଥିଲେ ସର୍ବୋତ୍ତମ ଅଭିନେତା। କେବଳ ଓଡ଼ିଆ ଚଳଚ୍ଚିତ୍ର ନୁହେଁ ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ରରେ ମଧ୍ୟ ସେ ନିଜର ଅଭିନୟର ଦକ୍ଷତା ପ୍ରଦର୍ଶନ କରିଥିଲେ। ଉତ୍ତମଙ୍କ ବିୟୋଗ କଳା ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଦୀର୍ଘ ୪ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଆ ଚଳଚ୍ଚିତ୍ରରେ ଉତ୍ତମ ଅଭିନୟ କରିଚାଲିଥିଲେ। ତାଙ୍କର ଅଭିନୟ ଓଡ଼ିଶାର ପ୍ରତିଟି ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ପାଇଛି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

### ରାଜ୍ୟ ସରକାରଙ୍କୁ କଂଗ୍ରେସର ଚେତାବନୀ

# ବିଦ୍ୟୁତ୍ ଦର ୧ ପଇସା ବଢ଼ିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ



**ଭୁବନେଶ୍ୱର :** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି ଯେ ଯଦି ବିଦ୍ୟୁତ ଦେୟ ୧ ପଇସା ବୃଦ୍ଧି କରାଯିବ ତେବେ ରାଜ୍ୟବ୍ୟାପି ଆନ୍ଦୋଳନ ହେବେ। ସାଧାରଣ ବିଦ୍ୟୁତ ଖାଉଟିଙ୍କ ସ୍ୱାର୍ଥ ରକ୍ଷାପାଇଁ କଂଗ୍ରେସ ପ୍ରତିଶୃତିବଦ୍ଧ ବୋଲି ଶ୍ରୀ କାନୁନଗୋ ଘୋଷଣା କରିଛନ୍ତି। ସେ କହିଲେ ଯେ ବିଜେପି କ୍ଷମତାକୁ ଆସିଲେ ତୁରନ୍ତ ୩୦୦ ୟୁନିଟ ବିଜୁଳି ମାଗଣା ଯୋଗାଇ ଦେବ ବୋଲି ନିର୍ବାଚନୀ ଘୋଷଣା କରାଯାଇଥିଲା। ପୁଣି ବିଜେପି ପକ୍ଷରୁ କୁହାଗଲା ଯେ "ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୋଫତ ବିଜୁଳି ଯୋଜନା" ମାଧ୍ୟମରେ ଖାଉଟିଙ୍କୁ ବିଜୁଳି ଯୋଗାଇ ଦିଆଯିବ। ୮ ମାସର ଶାସନ ପରେ ବି କ୍ଷମତାସୀନ ବିଜେପି ସରକାର ନିଜ ପ୍ରତିଶୃତିରେ ବିଫଳ ହୋଇଛନ୍ତି। ୩୦୦ ୟୁନିଟ ମାଗଣା ବିଜୁଳି ଦେବା ପରିବର୍ତ୍ତେ ଏବେ ବିଜୁଳି ଦେୟ ୟୁନିଟ ପିଛା ୧୨.୪୨ ପଇସା ବୃଦ୍ଧି ପାଇଁ ଓଇଆରସିଙ୍କ ପାଖରେ ଟିପିସିଓଡିଏଲର ପ୍ରସ୍ତାବ ଦୁର୍ଭାଗ୍ୟଜନକ। ଏ ବାବଦରେ ରାଜ୍ୟ ସରକାର ଏବେବି ନିରୁତ୍ତର। ଟିପିସିଓଡିଏଲର ପକ୍ଷରୁ ଦର୍ଶାଯାଇଛି ଯେ ଆସନ୍ତା ବର୍ଷ ପାଇଁ ଗ୍ରୀଡ଼କୋ ଠାରୁ ଅଧିକ ୧୩୧୦ ନିୟୁତ ୟୁନିଟ ବିଜୁଳି ଅଧିକ କ୍ରୟ ହେବ। ସମୁଦାୟ ୧୩୮୨୩ ନିୟୁତ ୟୁନିଟ ବିଜୁଳି କ୍ରୟ କରିବାକୁ ୪୬୮୮.୩୬ କୋଟି ଟଙ୍କା ପୈଠ ହେବ। ଟାଟା ପାୱାର ପକ୍ଷରୁ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ବିତରଣ କ୍ଷତି ୨୩୭୪ ୟୁନିଟ ହେବ ଯାହାକି ୧୭.୧୭ ପ୍ରତିଶତ ଅଟେ। ଅବଶିଷ୍ଟ ୧୧୪୪୯ ନିୟୁତ ୟୁନିଟ ଉପଭୋକ୍ତାଙ୍କୁ ବିକ୍ରୟ କରାଯିବ। ଟିପିସିଓଡିଏଲର ପକ୍ଷରୁ କୁହାଯାଇଛି ଯେ ରାଜସ୍ୱ ଆବଶ୍ୟକତା ସମୁଦାୟ ୬୮୬୨.୫୪୨୦ କୋଟି ଟଙ୍କା ଆକଳନ ହୋଇଥିବା ବେଳେ ୬୭୨୦.୩୯ କୋଟି ଟଙ୍କା ଆଦାୟ ହେବ ବୋଲି ଜଣାପଡ଼ିଛି। ସୁତରାଂ ୧୪୨.୧୫ କୋଟି ଟଙ୍କା ରାଜସ୍ୱ ନିଅଣ୍ଟ ରହିବ ବୋଲି ଦର୍ଶାଇ କ୍ଷତି ଭରଣା ପାଇଁ ୟୁନିଟ ପିଛା ୧୨.୪୨ ପଇସା ବଢ଼ାଇବା ପାଇଁ ପ୍ରସ୍ତାବ ଦିଆଯାଇଛି। ଶ୍ରୀ କାନୁନଗୋ ଅଭିଯୋଗ କରିଛନ୍ତି ଯେ ୨୦୨୩-୨୪ ପାଇଁ ଆୟୋଗ ନିର୍ଦ୍ଧାରିତ କରିଥିବା ଶୁଳ୍କ ଠାରୁ ଟାଟା ୟୁନିଟ ପିଛା ପ୍ରାୟ ୨୮ ପଇସା ଅଧିକ ଆଦାୟ କରିଛି ଯାହା ଫଳରେ ୨୪୬.୪୭ ଲକ୍ଷ ଟଙ୍କା ଅଧିକ ପାଇଛି। ତେଣୁ ବିଦ୍ୟୁତ ଆଇନ ୨୦୦୩ ଧାରା ୬୨ (୬) ଅନୁସାରେ ଟାଟା ଉପଭୋକ୍ତା ମାନଙ୍କୁ ସୁଧ ସହ ଅର୍ଥ ଫେରସ୍ତ କରୁ। ଏଭଳି ପରିସ୍ଥିତି ସ୍ଥଳେ ଟିପିସିଓଡିଏଲର ବିଦ୍ୟୁତ ଦେୟ ପ୍ରସ୍ତାବ ଏକ କ୍ଷୋଭର ପ୍ରସଙ୍ଗ। ଶ୍ରୀ କାନୁନଗୋ ଦାବି କରିଛନ୍ତି ଯେ ରାଜ୍ୟ ସରକାରଙ୍କର ପ୍ରତିଶ୍ରୁତି ଅନୁଯାୟୀ ତୁରନ୍ତ ୩୦୦ ୟୁନିଟ ମାଗଣା ବିଜୁଳିର ବ୍ୟବସ୍ଥା କରନ୍ତୁ ଏବଂ ବିଦ୍ୟୁତ ଉପଭୋକ୍ତାଙ୍କୁ ଶୋଷଣ ମନବୃତ୍ତିରୁ ସରକାର ନିବୃତ ରୁହନ୍ତୁ। ଗ୍ରୀଡ଼କୋ ରାଜ୍ୟ ସରକାରଙ୍କ ଅଧିନରେ ଥିବାରୁ ରାଜ୍ୟ ସରକାର ବିଜୁଳି ଦର ନିୟନ୍ତ୍ରଣ ପାଇଁ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**